ସକାଳ THE SAKALA



# ଯୋଗ ମନ ଓ ଶରୀରକୁ ସୁସ୍ଥ ରଖେ

























**କୋଣାର୍କ, ୨୧।୬(ସମିସ):**

ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ଯୋଗ। ବୈଦିକ ଋଷି-ମୁନିଙ୍କ ଦ୍ୱାରା ପ୍ରଣୀତ ଯୋଗାଭ୍ୟାସ ମଣିଷର ଶରୀରକୁ ନିରୋଗ ରଖିବା ସହିତ ମନରେ ଏକାଗ୍ରତା ଓ ଆତ୍ମାକୁ ଶାନ୍ତି ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ଐତିହ୍ୟ ସୂର୍ଯ୍ୟମନ୍ଦିର ପରିସରରେ ଆୟୋଜିତ ଅନ୍ତର୍ଜାତିୟ ଯୋଗ ଦିବସ ପାଳନ ଅବସରରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ପୁରୀ ଜିଲ୍ଲା ପ୍ରଶାସନ, ଆଇଟିଡିପି ଓ ଏଏସ୍ଆଇର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥିରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଯୋଗଦେଇ ପୁରୀ ସାଂସଦ ସମ୍ବିତ ପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏଏସ୍ଆଇର ପୁରୀ ସର୍କଲ ସୁପରିଟେଣ୍ଡେଣ୍ଟ ଡି.ଗଡ଼ନାୟକ ଓ ଆଇଟିଡିପିର ଅଧିକାରୀ ମଞ୍ଚରେ ଉପସ୍ଥିତ ରହି ଯୋଗ କରିଥିଲେ। ନିମାପଡ଼ାର ପ୍ରାକ୍ତନ ବିଧାୟକ ବାଇଧର ମଲ୍ଲିକ, ରାଜଯୋଗିନୀ ବ୍ରହ୍ମାକୁମାରୀ ଦମୟନ୍ତୀ, ବ୍ରହ୍ମାକୁମାରୀ କୁନ୍ତଳା ଓ ସମାଜସେବୀ ରାମକୃଷ୍ଣ ମହାନ୍ତିଙ୍କ ସମେତ ୫ଶହରୁ ଅଧିକ ମହିଳା, ଯୁବକଯୁବତୀ ଓ ଛାତ୍ରଛାତ୍ରୀ ଯୋଗ ଶିବିରରେ ଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ମଞ୍ଚରେ ସଂଯୋଜନା କରିଥିଲେ ପୁରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ। କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଓ ପର୍ଯ୍ୟଟନ ବିଭାଗର ସହନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯାତ୍ରୀନିବାସ ପରିସରରେ ବାଲୁକାଶିଳ୍ପୀ ସରିତା ଗୋଚ୍ଛାୟତ ଆକର୍ଷଣୀୟ ବାଲୁକା କଳାକୃତି ପ୍ରସ୍ତୁତ କରି ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ହେଲିପ୍ୟାଡ ପରିସରରେ ଶିକ୍ଷା ବିକାଶ ସମିତିର ନିମାପଡ଼ା ସଂକୁଳ ଆନୁକୂଲ୍ୟରେ ସରସ୍ୱତୀ ଶିଶୁମନ୍ଦିରର ଏକ ହଜାରରୁ ଅଧିକ ସଂଖ୍ୟକ ଆଚାର୍ଯ୍ୟ ଆଚାର୍ଯ୍ୟା, ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟ ସୂର୍ଯ୍ୟ ନମସ୍କାର ସମେତ ବିଭିନ୍ନ ପ୍ରକାର ଆସନ ଓ ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ଯାତ୍ରୀନିବାସଠାରେ କୋଣାର୍କ ବାର ଆସୋସିଏସନ୍, କୋଣାର୍କ ସାହିତ୍ୟ ସଂସଦ, ବିଜେପି କୋଣାର୍କ ନଗର ମଣ୍ଡଳ ଶାଖା କର୍ମକର୍ତ୍ତା, କୋଣାର୍କ ମିଡ଼ିଆ ମହାସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

**ଗାମ୍ଭାରିପଦା :** କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କ ଆବାହନରେ ବ୍ଲକ ପରିସରରେ ଯୋଗ ଦିବସ ପାଳନ କରାଯାଇଛି। ନିଜର ଆଭିମୁଖ୍ୟ ରଖି ମଣ୍ଡଳ ଉନ୍ନୟନ ଅଧିକାରୀ କହିଲେ ଏବର୍ଷର ଯୋଗ ଦିବସର ଥିମ ରହିଛି 'ଯୋଗ ଫର ସେଲ୍‌ଫଫ ଆଣ୍ଡ ସୋସାଇଟ'। ଏହି ଦିବସର ଉଦେଶ୍ୟ ସମାଜର ସବୁ ବର୍ଗଙ୍କୁ ଏକଜୁଟ କରିବା, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସ୍ୱାସ୍ଥ୍ୟବାନ ହେବାକୁ ପ୍ରେରଣା ଯୋଗାଇବା। ଯୋଗ ଗୁରୁ କେଳୁ ଚରଣ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ କାଦୁଆ ନୂଆଗାଁ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ବାଙ୍ଗୁରୀଗାଁ ସରପଞ୍ଚ ପାର୍ଥ ବେହେରାଙ୍କ ସମେତ କେତେକ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ବହୁସଂଖ୍ୟାରେ ଯୋଗଦେଇ ଯୋଗା ଭ୍ୟାସ କରିଥିଲେ।

**ଚାରିଛକ :** ପୁରୀ ଜିଲ୍ଲା ଚାରିଛକ ଅଞ୍ଚଳରେ ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ତ ଶିକ୍ଷା ଅନୁଷ୍ଠାନ ସହିତ ବିଭିନ୍ନ ଅନୁଷ୍ଠାନରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାରିଛକ ଏକାନ୍ତ ଆଶ୍ରମ ପରିସରରେ ମହର୍ଷି ମାୟାଧର ଦାସ ବରିଷ୍ଠ ନାଗରିକ ମଞ୍ଚ ଓ ବ୍ରହ୍ମକୁମାରି ବିଶ୍ୱ ବିଦ୍ୟାଳୟ ଚାରିଛକ ଶାଖା ପକ୍ଷରୁ ଯୋଗ ଶିକ୍ଷା କରିଥିବା ବେଳେ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ର, ଚାରିଛକ ବିଜେପି ମଣ୍ଡଳ ପକ୍ଷରୁ ବନ୍ଦେଶ୍ୱର ମନ୍ଦିର ପାର୍କ ପଡ଼ିଆ ଠାରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ, ଅର୍ଣ୍ଣପୂର୍ଣ୍ଣା ଉଚ୍ଚ ବିଦ୍ୟାପୀଠ, ବାହାରଣା ନୀଳମଣି ସ୍ମୃତି ବିଦ୍ୟାପୀଠ ପ୍ରମୁଖ ସ୍କୁଲମାନଙ୍କରେ ଯୋଗ ଶିବିର କରଯାଇଥିଲା। ଯୋଗ ଶିକ୍ଷାରେ ଯୋଗ ଗୁରୁ ଭାବେ ଚାରିଛକ ମଣ୍ଡଳରେ ସୁନିଲି କାଣ୍ଡି, ଦିଲିପ ଦାସ, ତୋଫାନ ପାତ୍ର ଶିକ୍ଷା ଦେଉଥିବା ବେଳେ ବ୍ରହ୍ମକୁମାରି ବିଶ୍ୱବିଦ୍ୟାଳୟ ଚାରିଛକ ଶାଖା ମୁଖ୍ୟ ବିକେ ମଞ୍ଜୁ ଶିକ୍ଷା ଦେଇଥିଲେ। ସେହିଭଳି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବେଣୁଧର ନାୟକ ଯୋଗ ଶିକ୍ଷା ଦେଇଥିଲେ। ଏହି ଯୋଗ ଶିକ୍ଷାରେ ନିରଞ୍ଜନ ଦାସ, ପ୍ରଦୀପ ମୂଳମଣି, ପୂର୍ବତନ ଜିଲାପରିଷଦ ପୂର୍ଣଚନ୍ଦ୍ର ଓଝା, ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ମନୋଜ କୁମାର ନାୟକ, ପରିବେଶ ପ୍ରେମୀ ଡକ୍ଟର କେଦାରନାଥ ସାହୁ, ଚନ୍ଦ୍ରକାନ୍ତ ଦଳାଇ, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ର ଅଧକ୍ଷା ବିନୋଦିନି ଦାଶ, ସଂସ୍କୃତ ଅଧାପକ ଜିବନାନନ୍ଦ ଦାଶ, ଜ୍ୟୋତିରଞ୍ଜନ ପାତ୍ର, କାହ୍ନୁଚରଣ ବେହେରା, ପ୍ରଫେସର ଅରୁଣ କୁମାର ସ୍ୱାଇଁ, ପ୍ରଫେସର ସନ୍ତୋଷ ମିତ୍ର, ସମାଜସେବୀ ଜୟନ୍ତ ସେଠି, ତୁଷାର ରାଉତ, ନନ୍ଦ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ବିଭିନ୍ନ ସ୍ଥାନରେ ଯୋଗ ଶିକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

**ନିମାପଡ଼ା :** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିଙ୍ଗଳାକ୍ଷି ପବ୍ଲିକ ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ନିଜସ୍ୱ ପ୍ରଶାସନିକ ଭବନଠାରେ ଅନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଦିବସରେ ପିପିଡବ୍ଲୁଓର ସ୍ୱତନ୍ତ୍ର କଲେଜ ଓ ଆଟିପିମ କେନ୍ଦ୍ରରର ଛାତ୍ରଛାତ୍ରୀ ଓ ନୀଳାଦ୍ରି ନୀଳୟର ଅନ୍ତେବାସୀମାନେ କରିଥିଲେ। କାର୍ଯ୍ୟକ୍ରମକୁ ପିପିଡବ୍ଲୁଓ ର ସଭାପତି ହଁଗଗନ ବିହାରୀ ଦାସ କରିଥିବା ବେଳେ ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ନାୟକ, ପ୍ରଶାସନିକ ଅଧିକାରୀ ପଦ୍ମ ଲୋଚନ ମହାନ୍ତି, ପ୍?ତ୍ରସ ମୋହନ ମହାପାତ୍ର, ପ୍ରମୁଖ ଉପସ୍ଥିତଥିଲେ। ଏଥିରେ ଏକଲବ୍ୟ ଶିକ୍ଷାକେନ୍ଦ୍ର, ମାନସିକ ଅସୁସ୍ଥ ବ୍ୟକ୍ତିମାନଙ୍କ ଥଇଥାନ କେନ୍ଦ୍ର ଓ ନୀଳାଦ୍ରି ନୀଳୟର ଶାରିରୀକ ଭିନ୍ନକ୍ଷମ କେନ୍ଦ୍ରମାନଙ୍କରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ବାରିକ, ପ୍ରିତିନନ୍ଦା ପଟ୍ଟନାୟକ, ଗିରିସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

**ନିମାପଡ଼ା:** ନିମାପଡ଼ା ବାରବାଟୀ ପଡ଼ିଆରେ ଅନୁଷ୍ଠିତ ଯୋଗ ଶିବିରକୁ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ନିମାପଡ଼ା ଯୋଗ ପରିଷଦ ଆନୁକୂଲ୍ୟରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପଞ୍ଚାୟତ ସମିତ ସହାୟତାରେ ସ୍ଥାନୀୟ ବାରବାଟି ପଡ଼ିଆରେ ଶତାଧିକ ଯୋଗ ପ୍ରେମୀଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ ରହି ଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ସ୍ଥାନୀୟ ତହସିଲଦାର ବସନ୍ତ କୁମାର ହାତୀ, ବ୍ଲକ ମଣ୍ଡଳ ଅଧିକାରୀ ଭୁବନାନନ୍ଦ ପଟ୍ଟନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟଙ୍କ ସହ ବିଭିନ୍ନ ମହାବିଦ୍ୟାଳୟ, ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟ ସଭ୍ୟା ମାନେ ମଧ୍ୟ ଉପସ୍ଥିତ ରହି ଉପମୁଖ୍ୟମନ୍ତ୍ରୀଙ୍କ ସହ ଯୋଗ କରିଥିଲେ। ଓଡ଼ିଶାର ପ୍ରଥମ ମହିଳା ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗ କରିବା ପାଇଁ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ତାଙ୍କ ଅଭିଭାଷଣରେ ଯୋଗ ଦ୍ୱାରା ଶରୀର ନିରୋଗ ରହିବା ସହ ମନସ୍ଥିର ରୁହେ ବୋଲି କହିଥିଲେ।

**କାକଟପୁର :** ବିଶ୍ୱ ଯୋଗ ଦିବସ ଅବସରରେ ପ୍ରାଚୀ ତଟ ବିଶ୍ୱାମିତ୍ର ମଠ ପରିସରରେ ଚାଷୀଙ୍କୁ ନେଇ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟରୁ ବହୁ ଚାଷୀ ଉକ୍ତ ଶିବିରରେ ଯୋଗ ଦେଇଥିଲେ। ପାତାଞ୍ଜଳି ଯୋଗାଚାର୍ଯ୍ୟମୁରଲୀଧର ମୁଦୁଲି ଚାଷୀଙ୍କୁ ଯୋଗ ଶିଖାଇ ଥିଲେ। ଶିବିରକୁ ପଣ୍ଡିତ ତ୍ରିଲୋଚନ ମିଶ୍ର ଙ୍କ ସହିତ କୃଷକ ମହାସଂଘ ର ସଭାପତି ରାଧାଶ୍ୟାମ ପ୍ରଧାନ, ସଂଯୋଜକ ସିଲୁ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପଣ୍ଡିତ ତ୍ରିଲୋଚନ ମିଶ୍ର ଯୋଗକୁ ସରକାର ନିୟମିତ ଭାବେ ଆୟୋଜନ କରାଯିବାକୁ ସରକାର ଯୋଜନା ପ୍ରସ୍ତୁତ କରିବାକୁ ଅନୁରୋଧ କରିଛନ୍ତି।

**ବଲଙ୍ଗା:** ବଲଙ୍ଗା ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ଆୟୋଜିତ ସଭାର ସଭାପତିତ୍ୱ କରିଥିଲେ ଅଧକ୍ଷ ପ୍ରଫେସର ପ୍ରଭାତ କୁମାର ସାହୁ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଅର୍ଥନୀତି ବିଭାଗ ମୁଖ୍ୟ ହରମୋହନ ମହାନ୍ତି। ସମ୍ମାନିୟ ଅତିଥିରୂପେ ଯୋଗଦେଇଥିଲେ ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରଦୋଷ କୁମାର ପତି, ଶିକ୍ଷା ବିଭାଗର ଅନ୍ୟ ଅଧାପକ ନୀଳକଣ୍ଠ ମିଶ୍ର, ବଳଭଦ୍ର ରଥ, ସମ୍ମିଳିତ ଛାତ୍ରଛାତ୍ରୀଙ୍କୁ ବିଭୀଧ ପ୍ରକାରର ଯୋଗ ପ୍ରଦର୍ଶିତ କରାଇଥିଲେ। ଅର୍ଥନୀତି ବିଭାଗ ଅନ୍ୟତମ ଅଧାପକ ମାନସ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ବାଲିଘାଇ, ପଞ୍ଚାୟତ ଉଚ୍ଚ ଭାଣପୁର, ଧନୁଆଁ ଉଚ୍ଚ କୋଟକୁସାଙ୍ଗ, ସରକାରୀ ଉନ୍ନିତ ଉଚ୍ଚ କମାକନ୍ତିଆ, ଠାରେ, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଶାନ୍ତି ଦେବୀ, ଶାଶ୍ୱତ ମହାପାତ୍ର, ନିରଞ୍ଜନ କର, ପ୍ରଦୀପ୍ତ ରଥ, କୈଳାସ ସେଠୀ ଏନସି, ସି କ୍ରୀଡା ପ୍ରଶିକ୍ଷକ ପ୍ରମେଶ ଖଟୋଇ, ସରୋଜିତ ପୃଷ୍ଟି, ଗଣେଶ ମଙ୍ଗରାଜ, ସରୋଜ ଦେଓ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବିଭିନ୍ନ ଯୋଗମୁଦ୍ରା ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ସେହିପରି ବଲଙ୍ଗା ମଣ୍ଡଳ ଅନ୍ତର୍ଗତ ନୂଆସନ୍ଥ ହାଇ ସ୍କୁଲ ପଡ଼ିଆ, ବଲଙ୍ଗା ହାଇସ୍କୁଲ ପଡ଼ିଆ, ସାଇନ୍ସ ଶାସନ ପଞ୍ଚାୟତ ଅଧିନସ୍ଥ ଦକ୍ଷିଣ ରାଉଶ ସ୍ଥିତ ନାରାୟଣୀ ମନ୍ଦିର ପ୍ରାଙ୍ଗଣରେ ଯୋଗ ଶିବିର ଅନୁଷ୍ଠିତ ହୋଯାଇଅଛି। ବଲଙ୍ଗା ମଣ୍ଡଳ ବିଜେପି ସଭାପତି ପ୍ରସନ୍ନ ଦାଶ, ପ୍ରଭାକର ନାୟକ, ଦୁର୍ଯୋଧନ ସ୍ୱାଇଁ, ନରେନ୍ଦ୍ର ପ୍ରଧାନ, ରଞ୍ଜନ ପ୍ରଧାନ, ନକୁଳ ପ୍ରଧାନ, କୈଳାସ ପାତ୍ର, ପ୍ରଫୁଲ୍ଲ ସ୍ୱାଇଁ, ରତ୍ନାକର ମିଶ୍ର, ସତ୍ୟବାନ୍ ନାୟକ ପ୍ରମୁଖଙ୍କ ନେତୃତ୍ୱ ରେ ଯୋଗ ଶିବିର ଅନୁଷ୍ଠିତ ହୋଯାଇଅଛି। ଗୋପିନାଥପୁର ହାଇ ସ୍କୁଲ ପିଇଟି ତଥା ଓଡ଼ିଶା ସରକାର ଦ୍ୱାରା ପୁରସ୍କାର ପ୍ରାପ୍ତ ପିଇଟି ବୈକୁଣ୍ଠ ବିଶ୍ୱାଳ, ଲକ୍ଷ୍ମୀଧର ଲେଙ୍କା ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିଲେ।

**ନୂଆପଲମହାଟ :** କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡାଃ. ବିନୋଦ ବିହାରୀ ବେହୁରା ଯୋଗ କର୍ମକୁ ସୁସ୍ଥ ଜୀବନ ଯାପନ ପାଇଁ ଯୋଗର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପକ ଓ ଅଧାପିକା ଏବଂ ଛାତ୍ରଛାତ୍ରୀ ଯୋଗ ପ୍ରଶିକ୍ଷକ ଡାଃ. ଚିନ୍ମୟୀ ମିଶ୍ରଙ୍କ ଠାରୁ ଯୋଗ ଶିକ୍ଷା କରିଥିଲେ। ଯୋଗ ପ୍ରଶିକ୍ଷକ ଛାତ୍ରଛାତ୍ରୀଙ୍କୁ ଯୋଗ ଗୁରୁ ପତଞ୍ଜଳି ଙ୍କର ଅଷ୍ଟାଙ୍ଗ ଯୋଗ ଉପରେ ସମ୍ୟକ ଧାରଣା ଦେଇଥିଲେ। କାର୍ଯ୍ୟକ୍ରମକୁ ସୂର୍ଯ୍ୟ କାନ୍ତ ମହାନ୍ତି ଓ ଉମାକାନ୍ତ ଦାସ ସୂଚାରୁ ରୂପେ ସମ୍ପାଦନ କରିଥିଲେ।

**ଡେଲାଙ୍ଗ:** ଡେଲାଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ସରକାରୀ ରାଧାକାନ୍ତ ବିଦ୍ୟାପୀଠ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ, ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟ ଗଡ଼ ମୋଟରୀ, ଅମାଳଙ୍ଗ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଯୋଗଗୁରୁ ରାମକୃଷ୍ଣ ବଳିଆରସିଂହ ଓ ବଟକୃଷ୍ଣ ଜେନା ପିଲାମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ରାଧାକାନ୍ତ ବିଦ୍ୟାପୀଠର ଶାରିରୀକ ଶିକ୍ଷା ଶିକ୍ଷକ ନଟବର ସେଠୀ ମଞ୍ଚ ସଂଯୋଜନା ଓ ପରିଚାଳନା କରିଥିବା ବେଳେ ମୋଟରୀ ବିଦ୍ୟାଳୟର କେଶିରାମ ହେମରମ୍, ଅମାଳଙ୍ଗ ବିଦ୍ୟାପୀଠର ସିତାକାନ୍ତ ରାଉତରାୟ, ବେରବୋଇ ବିଦ୍ୟାପୀଠର ଶର୍ମିଷ୍ଠା ପଣ୍ଡା ପ୍ରମୁଖ ଶାରିରୀକ ଶିକ୍ଷା ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡେଲାଙ୍ଗ ବ୍ଲକର କର୍ମକର୍ତ୍ତା ସୁଲୋଚନା ପ୍ରଧାନ, ମମତା ନାୟକ, ଲିଣିମା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଖେଲୋ ଇଣ୍ଡିଆର ସର୍ବଭାରତୀୟସ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ରାଧାକାନ୍ତ ବିଦ୍ୟାପୀଠର ଛାତ୍ରୀ ଜୋସ୍ନାରାଣୀ ମୁଦୁଲି ଓ ଧାନକେରାସ୍ଥିତ କପିଳେଶ୍ୱର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଇତିଶ୍ରୀ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ନେହେରୁ ଯୁବ କେନ୍ଦ୍ର ପୁରୀ ଓ ଲିପ୍ସା ଏଜୁକେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରାଧାକାନ୍ତ ବିଦ୍ୟାପୀଠ ପରିସରରେ ଯୋଗଦିବସ ପାଳିତ ହୋଇଯାଇଛି। ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଜୋକନଡୁଆସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମଧ୍ୟ ଯୋଗଦିବସ ପାଳିତ ହୋଇଯାଇଛି।

**ସାକ୍ଷୀଗୋପାଳ:** ସତ୍ୟବାଦୀରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ସହିତ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ପ୍ରଶାସନ ଓ ପତଞ୍ଜଳି ଯୋଗ ପରିବାରର ମିଳିତ ଆନୁକୂଲ୍ୟରେ ସତ୍ୟବାଦୀ ହାଇସ୍କୁଲ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ବିଡିଓ ଲିପିସା ରାୟ ଯୋଗ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସତ୍ୟବାଦୀ ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ତଥା ପତଞ୍ଜଳି ଯୋଗ ପରିବାରର ସଭାପତି ପ୍ରହ୍ଲାଦ ଘଟୁଆରୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପୂର୍ବ ପ୍ରାନ୍ତ ଭାରତ ବିକାଶ ପରିଷଦର ସଭାପତି ସତ୍ୟବାଦୀ ଦାଶ, ଯୋଗ ଶିକ୍ଷକ ସୁବାଷ ଚନ୍ଦ୍ର ମିଶ୍ର, ଜିଲ୍ଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଅତିଥି ଭାବେ ଯୋଗ ଦେଇଥିବା ସତ୍ୟବାଦୀ ଦାଶପ୍ରମୁଖ ଯୋଗ ଦେଇ ଯୋଗର ଉପକାରିତା ଉପରେ ମତାମତ ପ୍ରଦାନ କରିଥିଲେ। ଭାରତ ବିକାଶ ପରିଷଦର ସମ୍ପାଦକ ନବଘନ ଶତପଥୀଙ୍କ ସହିତ ବିଜୟ କୁମାର ପରିଡ଼ା, ବିଷ୍ଣୁ ମହାରଣା, ବସନ୍ତ ସ୍ୱାଇଁ, ଅନୀଲ କୁମାର ବେହେରା ଓ ପତଞ୍ଜଳି ଯୋଗ ପରିବାର ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ପ୍ରତାପ ମହାଭୋଇ, ତାରେଣୀ ମିଶ୍ର ସତ୍ୟବାଦୀ ହାଇସ୍କୁଲର ଶାରୀରିକ କ୍ରୀଡା ଶିକ୍ଷକ ସୁଚିତ୍ର ଖଟୋଇ ପ୍ରମୁଖ ଯୋଗ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଓଡିଆ ବିଶ୍ୱବିଦ୍ୟାଳୟ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡ, ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ତତ୍ୱବଧାନରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। କୁଳସଚିବ ରଶ୍ମିରେଖା ଦାସ, ନାରାୟଣ ପ୍ରସାଦ ବେହେରା, ଡ. ଲିପିକା ନାୟକ, ଡ, ରାଧା ଗୋବିନ୍ଦ କୋଇଲାଙ୍କ ସହିତ ଛାତ୍ରଛାତ୍ରୀ ଯୋଗ ଶିବିରରେ ଅଂଶ ଗ୍ରହଣ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ତରଫରୁ ମୂଳ ଅଳସା, ଶ୍ରୀରାମଚନ୍ଦ୍ରପୁର, ନୂଆସୋମେଶ୍ୱରପୁର ଓ ବୀରରାମଚନ୍ଦ୍ରପୁର ଗ୍ରାମରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି।

**କଣାସ:** କଣାସ ବ୍ଲକ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରସାନ୍ତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅସିତ୍ କୁମାର ନରେନ୍ଦ୍ର ଓ ମନୋଜ କୁମାର ମିଶ୍ର ଯୋଗର ଆବଶ୍ୟକତା ପାଇଁ ମତ ବ୍ୟକ୍ତ କରିଥିଲେ। ଏନ୍‌ସିସି, ଜେଆରସି ଓ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀଙ୍କ ସହ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛତ୍ରୀ ଓ କର୍ମଚାରୀ ଯୋଗଦେଇ ଥିଲେ। ଯୋଗଗୁରୁ ପ୍ରସନ୍ନହରି ପ୍ରଧାନ ଯୋଗ ଶିକ୍ଷା ଦେଇଥିଲେ। ଅଧାପକ ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ରବୀନ୍ଦ୍ର କୁମାର ସାହୁ, ସଂଗ୍ରାମ କେଶୋରି ପରିଡ଼ା, ତପସ୍ୱିନୀ ମାନସିଂହ ଓ ମାନସ କୁମାର ବାରିକ ପରିଚାଳନା କରିଥିଲେ।

**ଅସ୍ତରଙ୍ଗ :** ଅସ୍ତରଙ୍ଗ ପଞ୍ଚାୟତ ସମିତି ପକ୍ଷରୁ ନିକଟସ୍ଥ ଜାଗୁଲେଇ ପଡ଼ିଆରେ ଯୋଗ ଦିବସ ପାଳନ କରାଯାଇଥିଲା। ସମିତି ଅଧକ୍ଷା ଆରତୀ ନାଏକଙ୍କ ପରୋହିତରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଡ଼ିଓ ସସ୍ମିତା ବେହେରା ପରିଚାଳନା କରଥିଲେ। ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଅସ୍ତରଙ୍ଗ ଶାଖାର ପରିଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ, ଥାନା ଅଧିକାରୀ ରାଜେଶ ବଳିଆରସିଂହ, ଅତିରିକ୍ତ ତହସିଲଦାର ପ୍ରଭୁପାଦ ପଣ୍ଡା, ବ୍ଲକ ଶିକ୍ଷାଅଧିକାରୀ ଶତ୍ରୁଘନ ବେହେରା, ସମାଜସେବୀ ଦୁଷ୍ମନ୍ତ କୁମାରର ପରିଡ଼ା ପ୍ରମୁଖ ଯୋଗଦେଇ ଯୋଗଦିବସ ଉପରେ ଆଲୋକପାତ କରିଥିଲେ। ଶିବିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ପ୍ରଶାନ୍ତ କୁମାର ନାୟକ, ହୁଲ୍ଲାସ ବେହେରା ଓ ଜୟରାମ ମୁଦୁଲି ଯୋଗ ଶିକ୍ଷା ଦେବା ସମେତ କେଉଁ ରୋଗ ପାଇଁ କିଭଳି ଯୋଗର ଆବଶ୍ୟକତା ରହିଛି ତାହା ବୁଝାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ, ବ୍ଲକର କର୍ମଚାରୀ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଉପାଧକ୍ଷ ଦୁର୍ଯୋୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପୂର୍ବତନ ସମିତି ସଭ୍ୟ ଦିବାକର ଛାଟୋଇ, ପଞ୍ଚାୟତ ସମିତି ପିଆରଆଇ ସଭ୍ୟସଭ୍ୟା, ଦୁଷ୍ମନ୍ତ ପରିଡ଼ାଙ୍କ ନେତୃତ୍ୱରେ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ସମସ୍ତ ଭାଇଭଉଣୀ, ବିଭିନ୍ନ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଧାପକ, ଅଧାପିକା, ସବୁଜଶାଖାର ସଭ୍ୟ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ସଭ୍ୟ ଯୋଗଦେଇ ଥିଲେ। ସଂସ୍କୃତ ପଣ୍ଡିତ କାଳୀନ୍ଦିଚରଣ ଛାଟୋଇ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଦିବାକର ଛାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କମିଟି ବୈଠକ

# ବନ୍ୟା, ବାତ୍ୟା ମୁକାବିଲା ପାଇଁ ସଜାଗ ପ୍ରଶାସନ

ନୟାଗଡ଼, ୨୧।୬(ସମିସ):ନୟାଗଡ଼ ଜିଲ୍ଲା ପରିଷଦର ସୃଜନ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ନୟାଗଡ଼ ଡ. ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ, ଓଡ଼ିଶା ବିଧାନ ସଭା ବାଚସ୍ପତିଙ୍କ ପ୍ରତିନିଧି ଅଭିଷେକ ସାମନ୍ତରାୟ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତାପତି ରାଜ୍ ଏବଂ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମଞ୍ଚାସିନ ସମସ୍ତ ଅତିଥିଙ୍କୁ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ପାଇଁ କି ପ୍ରକାର ପ୍ରସ୍ତୁତ ରହିଛନ୍ତି ସେ ବିଷୟରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗ ସେମାନଙ୍କର ନିୟନ୍ତ୍ରଣ କକ୍ଷ ପ୍ରସ୍ତୁତି କରିଥିବା ଗୃହକୁ ଜଣାଇଥିଲେ। ଠିକ୍ ସମୟରେ ବନ୍ୟା, ବାତ୍ୟା ଖବର ପାଇଁ ଦୂରସଞ୍ଚାର ବିଭାଗ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଦୁର୍ବଳ ନଦୀବନ୍ଧ ଗୁଡ଼ିକର ମରାମତି କାର୍ଯ୍ୟ ସମାପ୍ତ ହୋଇଥିବାର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜଣାଇଥିଲେ। ବର୍ଷା ଓ ବନ୍ୟା ସମୟରେ ଜଳ ନିଷ୍କାସନ ନିମନ୍ତେ ଡ୍ରେନ ଗୁଡ଼ିକୁ ମରାମତି ତଥା ସଫା କରାଯାଇଥିବା ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀମାନେ ଜଣାଇଥିଲେ। ବନ୍ୟା ସମୟରେ ଡଙ୍ଗା ଏବଂ ପାୱାର ବୋଟ୍ ସାହାର୍ଯ୍ୟର ଉଦ୍ଧାର କାର୍ଯ୍ୟ ପାଇଁ ବୋଟ୍ ଗୁଡିକୁ ପ୍ରସ୍ତୁତ କରି ରଖାଯାଇଥିବା ଗୃହକୁ ଜଣାଇ ଦିଆଯାଇଥିଲା। ବନ୍ୟା ଓ ବାତ୍ୟା ଯୋଗୁଁ ଅପହଞ୍ଚ ଅଞ୍ଚଳରେ ଖାଦ୍ୟ ଓ ପାନୀୟ ଜଳ ମହଜୁଦ କରି ରଖିବା ପାଇଁ ଯୋଗାଣ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ କହିଥିଲେ ଯେ, ବନ୍ୟା ବାତ୍ୟା ସମୟରେ ପ୍ରାଣୀ ସମ୍ପଦର ସୁରକ୍ଷା ଲାଗି ସେମାନଙ୍କୁ ପଞ୍ଜୀକରଣ କରାଯାଇ ଟୀକାକରଣ କରାଯାଇଛି ଏବଂ ସେମାନଙ୍କ ପାଇଁ ଖାଦ୍ୟ ମହଜୁଦ କରି ରଖାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ତାଙ୍କର ପ୍ରସ୍ତୁତି ସମ୍ବନ୍ଧରେ କହିଥିଲେ ଯେ, ବନ୍ୟା ପ୍ରବଣ ଅଞ୍ଚଳରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା, ଅଙ୍ଗନବାଡ଼ି ସମସ୍ତଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଓଆରଏସ ପାଉଡର ଏବଂ ହାଲୋଜେନ୍ ବଟିକା ଆଦି ମହଜୁଦ ରଖାଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବନ୍ୟା ପ୍ରବଣ ଅଞ୍ଚଳରେ ବିହନ, ସାର ଏବଂ କୀଟନାଶକ ମହଜୁଦ ରଖାଯାଇଛି ବୋଲି କହିଥିଲେ। ବନ୍ୟା ହେବାର ସମ୍ଭାବନା ଦେଖାଗଲେ, ୮୦ ଭାଗ ଅମଳ କ୍ଷମ ଶସ୍ୟକୁ ଆଗୁଆ କାଟିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯିବ ବୋଲି କହିଥିଲେ। ସ୍ୱେଚ୍ଛାସେବୀ ସଂଗଠନମାନେ ବନ୍ୟା ବାତ୍ୟା ସମୟରେ ସଜାଗ ରହି ସମସ୍ତ ସହଯୋଗ କରିବା ପାଇଁ ପ୍ରସ୍ତୁତ ବୋଲି ସଂଗଠନ ସମ୍ପାଦକମାନେ ପ୍ରକାଶ କରିଥିଲେ। ବନ୍ୟା ସମୟରେ ପାନୀୟ ଜଳର ସମସ୍ତ ପ୍ରକାର ସମସ୍ୟା ଦୂରକରିବା ପାଇଁ ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗ ପ୍ରକାଶ କରିଥିଲେ। ଶେଷରେ ସମସ୍ତ ବିଭାଗ ପରସ୍ପର ସହିତ ସମନ୍ୱୟ ରକ୍ଷାକରି ପ୍ରାକୃତିକ ବିପର୍ଯ୍ୟୟର ପ୍ରଶମନ ଦିଗରେ କାର୍ଯ୍ୟ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ବିଭାଗକୁ ଅନୁରୋଧ କରିଥିଲେ। ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ବୈଠକର ପରିସମାପ୍ତି ଘୋଷଣା କରିଥିଲେ।




● ଜେଇ ଓ ପିଇଓ ନାଁରେ ଠକେଇ ଅଭିଯୋଗ

## ବାରମ୍ବାର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

ନୟାଗଡ଼, ୨୧।୬(ସମିସ):ନୟାଗଡ଼ ବ୍ଲକ ଯନ୍ତ୍ରୀ ସୁମିତ୍ରା ନାୟକ ଏବଂ ବଡପଣ୍ଡୁସର ପଞ୍ଚାୟତର ପଞ୍ଚାୟତ ନିର୍ବାହୀଅଧିକାରୀ ସୁରେନ୍ଦ୍ର ସେଠୀଙ୍କ ନାଁରେ ଅର୍ଥ ଆତ୍ମସାତ ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତ ଅଧିନରେ ମିଶନ ଶକ୍ତି ଅଧିନରେ କାର୍ଯ୍ୟ କରୁଥିବା ବଡପଣ୍ଡୁସର ପଞ୍ଚାୟତସ୍ତରୀୟ ସଂଘ ସଭାନେତ୍ରୀ ରମାମଣୀ ପରିଡ଼ା ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ନୟାଗଡ଼ ଟାଉନଥାନାରେ ଅଭିଯୋଗ କରିଥିବା ବେଳେ ବଡପଣ୍ଡୁସର ଇଟାମାଟି ଥାନା ଅଧିନରେ ରହିଥିବାରୁ ତାଙ୍କୁ ଇଟାମାଟିରେ ଅଭିଯୋଗ କରିବା ପାଇଁ ପୁଲିସ ପରାମର୍ଶ ଦିଆଯାଇଥିବା ସୂଚନା ମିଳିଛି। ସେମାନଙ୍କ ଅଭିଯୋଗ ଅନୁସାରେ ନୟାଗଡ଼ ବ୍ଲକରେ ମନୋଜ ପାତ୍ର ବିଡିଓ ଥିବା ସମୟରେ ଉକ୍ତ ଗୋଷ୍ଠୀ ପଞ୍ଚାୟତ ଅଧିନରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରିଛନ୍ତି। ଏହି କାର୍ଯ୍ୟ ମଧ୍ୟରେ ମିଶନ ଶକ୍ତି ଗୃହ, ଶୌଚାଳୟ ନିର୍ମାଣ, ମାଟି କାମ, ପୋଖରୀ ଚାରିପଟେ ତାର ବାଡ ବୁଲାଇବା ଆଦି କାର୍ଯ୍ୟ ରହିଛି। ଏହି କାମ ଶେଷ ହେବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଯନ୍ତ୍ରୀ ଅଳ୍ପ କିଛି ଟଙ୍କା ଦେଇ ଅନେକ ଅର୍ଥ ହଡପ କରିଥିବା ଅଭିଯୋଗ ହୋଇଛି। ଏନେଇ ବାରମ୍ବାର ବିଡିଓ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିବା ବେଳେ କୌଣସି ସୁଫଳ ନମିଳିବାରୁ ରମାମଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଟାଉନଥାନାରେ ରମାମଣି ଅଭିଯୋଗ କରିଥିବା ବେଳେ ଟାଉନଥାନ ଅଧିକାରୀ ରମାମଣିଙ୍କୁ ଇଟାମାଟି ଥାନରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିବା କହିଛନ୍ତି। ଅନ୍ୟପକ୍ଷେ, ବିଶ୍ୱସ୍ତସୁତ୍ରରୁ ମିଳିଥିବା ସୂଚନାନୁସାରେ, କାମ ଗୁଡିକ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଜେଇଙ୍କ ନାମରେ କାର୍ଯ୍ୟାଦେଶ ରହିଥିବାରୁ ଏହାର ବିଲ ସେମାନେ ଉଠାଣ କରିଥିଲେ। ମାତ୍ର କାମ କରିଥିବା ଗୋଷ୍ଠୀକୁ ଟଙ୍କା ଦେଇନଥିଲେ। ଦୀର୍ଘ ୪ ବର୍ଷ କାଳ ଉକ୍ତ ଗୋଷ୍ଠୀ ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଦୌଡି ଦୌଡି ନିରାଶ ହୋଇଥିବା ସୂଚନା ମିଳିଛି। ଏହା ଏକ ଠକେଇ ମାମଲା ହୋଇଥିବାରୁ ପୁଲିସ କି ପଦକ୍ଷେପ ଗ୍ରହଣ କରିବ, ତାକୁ ନେଇ ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ନୟାଗଡ଼ ପୌର ପରିଷଦ

## କୋମାରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ

■ ଜେଇଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ
■ କାମ କରି ଅପେକ୍ଷାରେ ସ୍ୱୟଂ ସହାୟକ ଗୋଷ୍ଠୀ

ନୟାଗଡ଼, ୨୧।୬(ସମିସ): ସହରାଞ୍ଚଳ ବିକାଶ ଏବଂ କର୍ମ ନିଯୁକ୍ତ ଦେବା ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଆରମ୍ଭ ହୋଇଥିଲା। ଏହା ଦ୍ୱାରା ସହରର ବିକାଶ ମୂଳକ କାର୍ଯ୍ୟ ଗୁ଼ିକ କରାଯାଉଛି। ନୟାଗଡ଼ ପୌର ପରିଷଦ ଅଧିନରେ ଅନେକ କାମ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ(ମୁକ୍ତା) ମାଧ୍ୟମରେ କରାଯାଇଛି। ଅନେକ କାର୍ଯ୍ୟ କରାଯିବାକୁ ଲକ୍ଷ ରଖାଯାଇଛି। ମାତ୍ର ନୟାଗଡ଼ ପୌର ପରିଷଦ ଅଧିନରେ ମୁକ୍ତା ଯୋଜନାରେ କାର୍ଯ୍ୟ କରୁଥିବା ଅନେକ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବିଲ୍ ପାସ ହେଉନଥିବା ଅଭିଯୋଗ ହେଉଛି। ମୁକ୍ତା ଯୋଜନା ଦାୟିତ୍ୱରେ ରହିଥିବା ଯନ୍ତ୍ରୀ ଶୁଭ୍ରାଜ୍ୟୋସ୍ନା ପଟ୍ଟନାୟକ କାର୍ଯ୍ୟାଳୟରେ ଦୀର୍ଘ ସମୟ ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଉଛି। ସଠିକ ଭାବେ କାର୍ଯ୍ୟାଳୟକୁ ଆସୁନଥିବା, କାମ ଗୁଡିକର ବିଲ କରୁନଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ଅଭିଯୋଗ କରିଛନ୍ତି। ଫଳରେ ଅନେକ କାର୍ଯ୍ୟ ଆରମ୍ଭ ମଧ ହୋଇପାରୁନଥିବା ସୂଚନା ମିଳିଛି। ଏଦିଗରେ ପୌର ପରିଷଦ ନିର୍ବାହୀ ଅଧିକାରୀ ମଧ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ନୟାଗଡ଼ ପୌର ପରିଷଦରେ ପ୍ରଶାସନିକ ଅଚଳାବସ୍ଥାକୁ ନେଇ ସହର ବାସୀଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି। ନୟାଗଡ଼ ବିକାଶ ଓ ଉନ୍ନତୀରେ କର୍ମଚାରୀ ଓ ଅଧିକାରୀ ସହାୟକ ହେବା ବଦଳରେ ବାଧା ସୃଷ୍ଟି କରିବା ଆଦୌ ଶୋଭନୀୟ ନୁହେଁ ବୋଲି ମତ ପ୍ରକାଶ ପାଇଛି।




ପଞ୍ଚାୟତ ସମିତି ୭ମ ସାଧାରଣ ଅଧିବେଶନ

## ସକ୍ରିୟ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ

ନୟାଗଡ଼, ୨୧।୬(ସମିସ): ନୟାଗଡ଼ ପଞ୍ଚାୟତ ସମିତି ପକ୍ଷରୁ ସପ୍ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ଡ. ସାହୁ ପଞ୍ଚମ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କୁ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାଷ ଚନ୍ଦ୍ର କଅଁର, ସରୋଜ କୁମାର ରଣସିଂ, କ୍ଷୀରୋଦ ମହାପାତ୍ର, ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁ, ଜିପିଇଓ ତୁଷାରକାନ୍ତ ରାଉତ, ସହକାରୀ ଯନ୍ତ୍ରୀ ଚନ୍ଦ୍ର ଶେଖର ସାମନ୍ତରାୟ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟାନ, କୃଷି, ପ୍ରାଣୀ ସମ୍ପଦ, ମୃତ୍ତିକା ସଂରକ୍ଷଣ, ଜଳ ସମ୍ପଦ ଓ କ୍ଷୁଦ୍ର ଜଳ ସମ୍ପଦ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ। ଆଗାମୀ ଦିନ ପାଇଁ ପ୍ରତ୍ୟେକ ବିଭାଗ କ'ଣ ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି ବ୍ଲକ ଅଧ୍ୟକ୍ଷ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରତ୍ୟେକ ବିଭାଗର ଅଧିକାରୀ ମାନେ ସକ୍ରିୟ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଯୋଜନା କିପରି ସୁଫଳ ରୁପାୟନ ହେବ ସେଥିନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସଭ୍ୟା, ପିଇଓ, ଜିଆରଏସ ଓ ସମସ୍ତ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ।



### ଦେବସ୍ନାନ ପୂର୍ଣ୍ଣିମା

## ପୁଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା

ନୟାଗଡ଼, ୨୧।୬(ସମିସ): ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ଶେଷ ହୋଇଛି। ପୁଲିସ ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ବେଳେ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ମହାପ୍ରଭୂ ଜଗନ୍ନାଥଙ୍କ ସ୍ନାନ ପୂର୍ଣ୍ଣିମାରେ ସୁଗମ ଆଚରଣ ପାଇଁ ଏସପି ରାହୁଲ ଜୈନ ନୟାଗଡ଼ ଖଣ୍ଡପଡ଼ା, ରଣପୁର ଓ ନୟାଗଡ଼ରେ ପୁଲିସର ବ୍ୟବସ୍ଥା, ଭିଡ ଓ ଟ୍ରାଫିକ୍ ପରିଚାଳନା ଉପରେ ସମୀକ୍ଷା କରିଥିଲେ। ନୟାଗଡ଼ ପୁଲିସ ସର୍ବନିମ୍ନ ପ୍ରତିବନ୍ଧକ ଏବଂ ଜନସାଧାରଣଙ୍କ ପାଇଁ ଅସୁବିଧା ମୁକ୍ତ ଦର୍ଶନ ପାଇଁ ସମର୍ପିତ ବୋଲି କହିଥିଲେ। ନୟାଗ? ପୁରୁଣା ସହରରେ ଅନୁଷ୍ଠିତ ହେବାକୁ ଥିବା ସ୍ନାନ ଯାତ୍ରା ପାଇଁ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥ ଜଗନ୍ନାଥ ମନ୍ଦିରଠାରୁ ଜିଲ୍ଲା ପାଠାଗାର ପର୍ଯ୍ୟନ୍ତ ନୋ ପାର୍କିଂ ଏବଂ ନୋ ହଲଟିଂ ଜୋନ୍ ଘୋଷଣା କରାଯାଇଛି। ଦଶପଲ୍ଲା ପଟୁ ଆସୁଥିବା ଭାରିଯାନ ଗୁଡିକ ଜଗନ୍ନାଥମନ୍ଦିରଠାରୁ ପିଟିଏସ୍ ରୋଡ ଦେଇ ନୟାଗଡ଼ ଛକକୁ ଆସିବ ବୋଲି ବ୍ୟବସ୍ଥା କରାଯାଇଛି।

## ଦଶପଲ୍ଲାରେ ଜନଔଷଧି କେନ୍ଦ୍ର ଉଦ୍‌ଘାଟିତ



ଦଶପଲ୍ଲା, ୨୧।୬(ସମିସ): ଦଶପଲ୍ଲାରେ ଏକ ସୁବ୍ୟବସ୍ଥିତ ଜନ ଔଷଧି କେନ୍ଦ୍ର ଉଦଘାଟିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ କେନ୍ଦ୍ରକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ସବୁ ବର୍ଗ ପାଇଁ ଏହା ଉପାଦେୟ ହେବା ନେଇ ମତ ବ୍ୟକ୍ତ କରିଥିଲେ।ଉତ୍ସବରେ ବରିଷ୍ଠ ବିଜେପି ନେତା ପୂର୍ଣ୍ଣଚନ୍ଦ୍ର ନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରାଣକୃଷ୍ଣ ବେହେରା, ରବୀନ୍ଦ୍ର ମିଶ୍ର, ଅଞ୍ଜନ ଦାସ, ଫେଲୁ ମିଶ୍ର, ସଞ୍ଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

### ଗୋରୁ ଚାଲାଣକାରୀ -ବଜରଙ୍ଗ ଦଳ ମାରପିଟ୍

## ଉଭୟ ପକ୍ଷରୁ ଥାନାରେ ପୃଥକ୍ ମାମଲା ରୁଜୁ

ଓଡଗାଁ, ୨୧।୬(ସମିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡାଝୋଲା ପାଟଣାସାହିରେ ଗୋରୁ ଚାଲାଣ କାରୀ ଓ ବଜରଙ୍ଗ ଦଳ ମଧ୍ୟରେ ମାରପିଟ୍ ଅଭିଯୋଗକୁ ନେଇ ଉଭୟ ପକ୍ଷରୁ ପୃଥକ୍ ମାମଲା ରୁଜୁ ହୋଇଛି। ବାହାଡାଝୋଲାରୁ ଶୁକ୍ରବାର ସକାଳ ସମୟରେ ଗୋଟିଏ ପିକ୍‌ଅପ୍ ଭ୍ୟାନରେ ୫ ଗାଈ ଓ ବାଛୁରୀକୁ ନେଇ ଚାଲାଣ ପାଇଁ ମସୁଧା ଚାଲିଥିବା ବେଳେ ଓଡ଼ଗାଁ ବଜରଙ୍ଗ ଦଳ ଗୋରୁ ମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରୁଥିବା ବେଳେ ବଜରଙ୍ଗ ଦଳର ସଭାପତି ମାନସ ରଞ୍ଜନ ସାହୁଙ୍କ ସହିତ ଅନ୍ୟ ୮ ଜଣ ପିକ୍‌ଅପ୍ ଭ୍ୟାନକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ଗୋରୁ ଚାଲାଣ କାରୀ ଶିବଶଙ୍କର ସାହୁ ଗାଡିଟିକୁ ଘଟଣାସ୍ଥଳରୁ ନେଇଯିବା ବେଳେ ବଜରଙ୍ଗ ଦଳ ତା ପଛରେ ଗୋଡ଼ାଇ ଥିଲେ। ଅନ୍ୟ ଉପାୟ ନପାଇ ଶିବଶଙ୍କର ଗାଈ ସହିତ ଗାଡିଟିକୁ ପାଟଣା ସାହିରେ ଥିବା ନିଜ ଘରକୁ ନେଇଯାଇଥିଲେ। ବଜରଙ୍ଗ ଦଳ ଶିବଶଙ୍କରଙ୍କ ଘରେ ପହଞ୍ଚିବା ପରେ ସେଠାରେ ଗହଳି ହୋଇ ଉତେଜନା ପ୍ରକାଶ ପାଇଲା। ଶିବଶଙ୍କର ଏବଂ ତାଙ୍କ ମା' ଜୋଛନାବାଳା ସାହୁ ବଜରଙ୍ଗ ଦଳକୁ ସାମ୍ନା କଲାବେଳେ ଉଭୟଙ୍କ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଯାଇଥିଲା। ଖବରପାଇ ବାହାଡାଝୋଲା ଏସଆଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ବଜରଙ୍ଗ ଦଳ ସଭାପତି ମାନସ ସାହୁଙ୍କ ଅଭିଯୋଗ କ୍ରମେ ଓଡ଼ଗାଁ ପୋଲିସ ୧୮ ୬/୨୪ ରେ ଏବଂ ଅପରପକ୍ଷ ଜୋସ୍ନାବାଳା ସାହୁଙ୍କ ଅଭିଯୋଗ କ୍ରମେ ୧୮ ୭/୨୪ରେ ଦୁଇଟି ମାମଲା ରୁଜୁ କରିବା ସହିତ ଘଟଣାକୁ ନେଇ ଉଭୟପକ୍ଷ ସହିତ ଆଲୋଚନା ଜାରିରଖିଛନ୍ତି।



### ଫଳକ ନଥାଇ ଅଧା ସରିଗଲାଣି ଡ୍ରେନ୍ କାମ

## ନିମ୍ନମାନର କାର୍ଯ୍ୟ, ସ୍ଥାୟିତ୍ୱକୁ ନେଇ ସନ୍ଦେହ



ରଣପୁର, ୨୧।୬(ସମିସ): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ମଣିନାଗ ମନ୍ଦିରଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ଡ୍ରେନ କାମକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିର୍ମାଣ ସମ୍ବନ୍ଧୀୟ କୌଣସି ଫଳକ ନଥାଇ କାର୍ଯ୍ୟ କରାଯିବାକୁ ନେଇ ପ୍ରଶ୍ନ ଉଠିଛି। ଜନସାଧାରଣଙ୍କୁ ଅନ୍ଧାରରେ ରଖି ବ୍ୟାପକ ଅର୍ଥ ବାଟମାରଣା କରାଯିବାକୁ ଯୋଜନା କରାଯାଇଥିବା କହିଛନ୍ତି। ଏନେଇ ଏନଏସି ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କୁ ପଚାରିବାରେ ସେ ଏ ବାବଦରେ ଅବଗତ ନାହାନ୍ତି ବୋଲି କହିଥିଲେ। ସହକାରୀ ଯନ୍ତ୍ରୀ ଏ ବିଷୟରେ କହିପାରିବେ ବୋଲି କହିଥିଲେ। ମିଳିଥିବା ସୂଚନାନୁସାରେ, ରଣପୁର ମଣିନାଗ ମନ୍ଦିର ଗେଟ୍ଠାରୁ ବ୍ଲକ ଗେଟ ପର୍ଯ୍ୟନ୍ତ ଏକ କୋଟି କୋଡିଏ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ନିର୍ମାଣ କରିବା ପାଇଁ ଜୈନିକ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମନମାନୀରେ କାର୍ଯ୍ୟ କରାଯାଉଥିବା ବେଳେ ଉପଯୁକ୍ତ ଟ୍ରେଡ଼ ମାର୍କ ରଡ଼, ସିମେଣ୍ଟ ବ୍ୟବହାର କରା ନଯାଉଥିବା ବେଳେ ଠିକାଦାର ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ସିମେଣ୍ଟ, ଗୋଡି, ବାଲିର ଭାଗ ମାପରେ ବ୍ୟତିକ୍ରମ ହେଉଥିବା ବେଳେ ଡ୍ରେନଟି ନିର୍ମାଣ ପରେ ଉପଯୁକ୍ତ ପରିମାଣର ପାଣି ନଦିଆଯାଉଥିବାରୁ ଖରାଦିନେ କଂକ୍ରିଟ ଢ଼ଳେଇ ଡ୍ରେନର ସ୍ଥାୟିତ୍ୱକୁ ନେଇ ଅଞ୍ଚଳବାସୀ ସନ୍ଦେହ ପ୍ରକାଶ କରୁଛନ୍ତି। ଏ ବାବଦରେ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରେ ସେ ସମ୍ପୃକ୍ତ ଠିକାଦାରଙ୍କୁ ଗୋଟିଏ ଡବା ବାଲି ଅଧିକ ଦେବା ପାଇଁ କହିଥିଲେ ଏବଂ ତୁରନ୍ତ ଫଳକ କରିବା ପାଇଁ କହିଥିଲେ।

# ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳନ

ନୟାଗଡ଼ /ଖଣ୍ଡପଡ଼ା /ଓଡଗାଁ/ଭାପୁର/ଶରଣକୁଳ, ୨୧।୬(ସମିସ): ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ଷ୍ଟାଡିୟରେ ଜିଲ୍ଲାସ୍ତରୀୟ ଯୋଗ ଦିବସ ପାଳନ ହୋଇଛି। ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଇଟାମାଟି, ନୟାଗଡ଼ ସିନ୍ଧୁରିଆ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଛି। ସେହିଭଳି ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଶିଖରପୁର କଲ୍ୟାଣ ମଣ୍ଡପ ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ଅଂକୁର ଅଭିଳାଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରକୁ ମୁଖ୍ୟ ଅତିଥୀ ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ସ୍ଥାନୀୟ ସରପଞ୍ଚ କୀରଣବାଳା ସାହୁ ଉପସ୍ଥିତ ଥିଲେ। ସେହିପରି ଖଣ୍ଡପଡ଼ାରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ଲୋକଙ୍କୁ ନେଇ ବିଶ୍ୱ ଯୋଗ ଦିବସ ପାଳନ କରାଯାଇଛି। ଅନ୍ୟପକ୍ଷରେ ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ସାହୁଙ୍କ ଅଧ୍ୟକ୍ଷତାରେ କ୍ରୀଡା ଶିକ୍ଷକ ସତ୍ୟଜିତ ଦାଶ, ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହଯୋଗକ୍ରମେ ଆୟୋଜିତ ଯୋଗ ଶିବିରରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ଯୋଗଗୁରୁ ଜିତେନ୍ଦ୍ର କାଟିଆ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କ୍ଲବ ଗୁଡିକରେ ଯୋଗ ଦିବସ ପାଳନ କରାଯାଇଛି। ବନମାଳିପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପତଞ୍ଜଳି ଯୋଗସମିତି ପକ୍ଷରୁ ଜିଲ୍ଲା ପ୍ରଭାରୀ ବାଳକୃଷ୍ଣ ନନ୍ଦ, ଯୋଗ ପ୍ରଭାରୀ ଚିନ୍ମୟ ଦେବ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଯୋଗ ଶିଖାଇଥିଲ। ଓଡ଼ଗାଁ ବ୍ଲକ ଆନୁକୂଲ୍ୟରେ ବ୍ଲକ ରୋଡ଼ କଲ୍ୟାଣ ମଣ୍ଡପ, ଓଡ଼ଗାଁ ଏନ୍‌ଏସି ତରଫରୁ ବହୁମୁଖି ଇଣ୍ଡୋର ଷ୍ଟାଡିୟମ ଠାରେ ଯୋଗ ଦିବସ ପାଳିତ ହୋଇଥିବା ବେଳେ ବିଡ଼ିଓ ଜିତେନ୍ଦ୍ର ନାୟକ, ତହସିଲଦାର ମାନସ ରଞ୍ଜନ ଭୋଇ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଯୋଗଗୁରୁ ଘନଶ୍ୟାମ ପଣ୍ଡା, ସୁଶାନ୍ତ କୁମାର ସାହୁ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ସହିତ ଯୋଗାଭ୍ୟାସ କରିଥିଲେ। ନୟାଗଡ଼ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ଓଡ଼ଗାଁ ମିନି ଷ୍ଟାଡିୟମ ଠାରେ ଆୟୋଜିତ ଯୋଗ ଶିବିରକୁ ଯୋଗଗୁରୁ ବ୍ରଜବନ୍ଧୁ ଆଚାରୀ ପରିଚାଳନା କରିଥିଲେ। ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ ଦ୍ୱାରା ଯୋଗ ଦିବସ ପାଳତ ହୋଇଥିଲା। କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ଅଧ୍ୟାପକ ତଥା ଯୋଗଗୁରୁ ବିଜୟାନନ୍ଦ ଶତପଥୀ ଯୋଗ ଶିବିର ପରିଚାଳନା କରିଥିବା ବେଳେ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟ, କୁରାଳ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ସାକେରୀ ରାହାସ ବିଦ୍ୟାପୀଠ, ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଓଡ଼ଗାଁ, ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ସହିତ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ସଂସ୍ଥାମାନେ ଯୋଗ ଦିବସ ପାଳନ କରିଛନ୍ତି। ଭାପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। ଭାପୁର ବ୍ଲକ ପରିସରରେ ଏବିଡିଓ ସରୋଜ କୁମାର ନାୟକଙ୍କ ପୌରୋହିତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସକ ବିଭୁପ୍ରସାଦ ଶତପଥୀ, ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବ୍ଲକର କର୍ମଚାରୀ, ଜିପିଓ ଅବିନାଶ ପତି, ଡାକ୍ତରଖାନାର ଫାର୍ମାସିଷ୍ଟ ପ୍ରଦୀପ କୁମାର ବେହେରା ଙ୍କ ସହ ଅନେକ ଛାତ୍ରଛାତ୍ରୀ ଯୋଗଦେଇ ଯୋଗ ଅଭ୍ୟାସ କରିଥିଲେ। ସେହିପରି ପଠାଣୀ ସାମନ୍ତ ମହାବିଦ୍ୟାଳୟରେ ମଧ ଶତାଧିକ ଛାତ୍ରଛାତ୍ରୀ ଏହି ଯୋଗ ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶରଣକୁଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମକ୍ଷ ପବ୍ଲିକ ସ୍କୁଲ, ପଞ୍ଚିରିଡ଼ା ମାନପୁର ମା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହରିହରପୁର ଗ୍ରୀନ କ୍ଲବ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଗୁରୁ ରାଜେନ୍ଦ୍ର କୁମାର ତ୍ରିପାଠୀ ଓ ବୈକୁଣ୍ଠନାଥ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ସକ୍ରିୟ ଅଂଶ ଗ୍ରହଣ କରି ଯୋଗାଭ୍ୟାଷ କରିଥିଲେ।





**ଅନ୍ତର୍ଜାତୀୟ ଯୋଗ ଦିବସ**

# ନିରାମୟ ଜୀବନ ଲାଗି ଯୋଗ ଏକମାତ୍ର ମୂଳମନ୍ତ୍ର



ଯୋଗ କରିବା ଦ୍ୱାରା ଉଭୟ ମନ ଓ ଶରୀର ସୁସ୍ଥ ରୁହେ। ଯୋଗ ମନୋବଳକୁ ବୃଦ୍ଧି କରିବା ସହିତ ଭୌତିକ ଜ୍ଞାନକୁ ବୃଦ୍ଧି କରିଥାଏ। ଯୋଗ କେବଳ ନିର୍ଦ୍ଦିଷ୍ଟ ଲୋକଙ୍କ ସାଧନାର କାର୍ଯ୍ୟ ବୋଲି ପୂର୍ବରୁ ରହି ଆସିଥିବା ଧାରଣା ବଦଳାଇଦେବାକୁ ଚାଲିଛି ପ୍ରଚେଷ୍ଟା। ସେହି ଉଦ୍ଦେଶ୍ୟ ନେଇ ଜୁନ ୨୧ କୁ ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଉଛି। ସବୁଦିନ ଯୋଗ ଅଭ୍ୟାସ କରିବା ଦ୍ୱାରା ଆଧ୍ୟାତ୍ମିକ ଚେତନାର ଅଭିବୃଦ୍ଧି ଘଟେ। ନିରାମୟ ଜୀବନ ଲାଗି ଯୋଗ ହେଉଛି ଏକମାତ୍ର ମୂଳମନ୍ତ୍ର। ଏହି ଅବସରରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସକୁ ଉତ୍ସାହର ସହ ପାଳନ କରାଯାଇଛି।

**ଜିଲ୍ଲାସ୍ତରୀୟ ଯୋଗ ଦିବସ**

**ଖୋର୍ଦ୍ଧା, ୨୧।୬(ସମିସ):** ଏସ୍‌ପି ଅଫିସ ନିକଟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପ ଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଶରୀର ସତେଜ ଓ ମନକୁ ଚାପମୁକ୍ତ କରିବା ଲାଗି ଯୋଗ ଅଭ୍ୟାସ ଆବଶ୍ୟକ। ଯୋଗ ଓ ପ୍ରାଣାୟମ ଦ୍ୱାରା ଏସବୁରୁ ଶାନ୍ତି ମିଳିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ାଧିକାରୀ ଅଜୟ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଟ୍ରିପଲ 'ଏ':** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ପ୍ରତିଷ୍ଠାତା ଡା. ନନ୍ଦକିଶୋର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ସଙ୍ଗୀତ ଦିବସ ଓ 'ଆନ୍ତର୍ଜାତିକ ଯୋଗ ଦିବସ' ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ସହିତ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ବିଭିନ୍ନ ପ୍ରକାରର




ଯୋଗ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ବିଭାଗର ମୁଖ୍ୟ ଶିକ୍ଷକ ଚିରଞ୍ଜିତ ସିଠ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀମାନେ ପ୍ରଥମେ ଯୋଗ ଦିବସର ଶପଥ ପାଠ କରିବାପରେ ସମୂହ ଯୋଗ କରିଥିଲେ। ଆଜି ମଧ୍ୟ ବିଶ୍ୱ ସଙ୍ଗୀତ ଦିବସ। ଏହି ଉପଲକ୍ଷେ ବିଦ୍ୟାଳୟର ସଙ୍ଗୀତ ବିଭାଗ ଓ ଛାତ୍ରଛାତ୍ରୀ ଏକ ସୁନ୍ଦର ସଙ୍ଗୀତ ପରିବେଷଣ କରି ଏହି ଦିବସକୁ ଆହୁରି ସରସ ସୁନ୍ଦର କରିଥିଲେ। ଜୁନ ୨୧ ତାରିଖ କେବଳ ବିଶ୍ୱ ଯୋଗ ଦିବସ ନୁହେଁ ଏହା ମଧ୍ୟ ସଙ୍ଗୀତ ଦିବସ ଏହା ଟ୍ରିପଲ 'ଏ'ପ୍ରମାଣ କରିଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଦିପ୍ତିମୟୀ ମହାନ୍ତିଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

**ଖୋର୍ଦ୍ଧା ବ୍ଲକ୍‌ସ୍ତରୀୟ:** ସ୍ଥାନୀୟ ପଲ୍ଲା ତୋଟାପଡ଼ା ହାଇସ୍କୁଲ ପରିସରରେ ଖୋର୍ଦ୍ଧା ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ କ୍ଷୀରାଧି ତନ୍ମୟା ସାହୁଙ୍କ ସଂଯୋଜନାରେ ଅତିଥି ରୂପେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଜିଲ୍ଲା ପରିଷଦ ପ୍ରଫୁଲ୍ଲ କୁମାର ଦଳେଇ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଦେବବ୍ରତ ଆଚାର୍ଯ୍ୟ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ବିଭିନ୍ନ ପ୍ରକାର ଯୋଗ ଅତି ସରଳ ଭାବେ ଶିଖାଇଥିଲେ। ଶେଷରେ ଯୋଗ ଶିବିରରେ ଯୋଗ ଦେଇଥିବା ଶିବିରାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

**ସିଗମା ପବ୍ଲିକ୍ ସ୍କୁଲ**

ବିଡିଏ କଲୋନୀସ୍ଥିତ ସିଗମା ପବ୍ଲିକ ସ୍କୁଲରେ ସ୍କୁଲର ଅଧ୍ୟକ୍ଷା ମାମତାଞ୍ଜଳି ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଯୋଗ ଗୁରୁ ଗୌରାଙ୍ଗ ଚରଣ ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗ କରିବା ଦ୍ୱାରା ଶରୀର, ମସ୍ତିଷ୍କ ସୁସ୍ଥ ଏବଂ ନିରୋଗ ରହିବ, ଫଳରେ ବିଦ୍ୟା ଅଧ୍ୟୟନ ଏବଂ ସ୍ମରଣ ଶକ୍ତି କ୍ଷେତ୍ରରେ ଉପଯୋଗୀ ହେବ ବୋଲି ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ପ୍ରାଣାୟମ ଏବଂ ଯୋଗ ମୁଦ୍ରା ସମ୍ପର୍କରେ ଶିକ୍ଷା ଦେଇଥିଲେ। ଶିକ୍ଷକ ତୁଷାର ମହାନ୍ତି, ବିରଞ୍ଚି ନାରାୟଣ ପଣ୍ଡା, ବସନ୍ତ ମହାପାତ୍ର ପ୍ରମୁଖ ଶିବିରପରିଚାଳନା କରିଥିଲେ।

**ଟାଙ୍ଗୀ/କାଲୁପଡ଼ାଘାଟ:** ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ଟାଙ୍ଗୀ ରତ୍ନମାଳୀ କଲ୍ୟାଣ ମଣ୍ଡପ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ଅନୁଷ୍ଠିତ ହୋଇ ଯାଇଛି। ଯୋଗ ଦ୍ୱାରା ମନୁଷ୍ୟ ନିଜକୁ ଫିଟ ରଖିବା ସହ ମନକୁ ସୁସ୍ଥ ରଖିଥାଏ। ଏଥିପାଇଁ ସାରା ବିଶ୍ୱରେ ଆଜି ଯୋଗ ଦିବସ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଟାଙ୍ଗି ତହସିଲଦାର ମିତାଲୀ ପାତ୍ର, ଟାଙ୍ଗୀ ବ୍ଲକର ସମସ୍ତ କର୍ମଚାରୀ, ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହିତ ବଳରାମ ଦେବ ବିଦ୍ୟାପୀଠର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

**ବାଲୁଗାଁ:** ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପ୍ରଶିକ୍ଷାର୍ଥୀ, ଜାହାଜ କର୍ମକର୍ତ୍ତା ଏବଂ ସେମାନଙ୍କ ପରିବାର ବର୍ଗ ଅଂଶ ଗ୍ରହଣ କରି ଯୋଗ ଅଭ୍ୟାସ କରିଥିଲେ।

କମାଣ୍ଡର ସିଏମଡ଼ି ଏନପି ପ୍ରଦୀପ ଯୋଗ ସାଧନାର ଉପକାରିତା ଦିଗରେ ବକ୍ତବ୍ୟ ରଖିବା ସହ ଏହାକୁ ଦୈନନ୍ଦିନ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ।

**ଜଟଣୀ:** ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ପକ୍ଷରୁ ରେଲୱେ ଷ୍ଟାଡିୟମଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳ ଏହାକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ଶାଖା ଅଧିକାରୀ, ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନର ସଦସ୍ୟ, ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଜଟଣୀର ପତଞ୍ଜଳି ଯୋଗ ସମିତିର ଯୋଗ ଗୁରୁ ଆଦିନାରାୟଣ ଖଣ୍ଡୁଆଳ ଏବଂ ଶ୍ୟାମସୁନ୍ଦର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଖୋର୍ଦ୍ଧା ରୋଡ଼ କାର୍ମିକ ଅଧିକାରୀ ଆରଏନ୍‌ଏ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କୁହୁଡ଼ି:** ଯୋଗ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରରେ ସତେଜ ରଖିଥାଏ। କୁହୁଡି, ରତନପୁର, ସୋରଣ, ଚଣ୍ଡେଶ୍ୱରର ବିଭିନ୍ନ ସ୍କୁଲ, କଲେଜ, ଅନୁଷ୍ଠାନରେ ଯୋଗ ଦିବସ ପାଳନ ହୋଇଯାଇଛି। ଡିଏଭି ଗୁରୁକୁଳ ସ୍କୁଲରେ ଛାତ୍ରଛାତ୍ରୀ ଅଧ୍ୟକ୍ଷ ଦିଲ୍ଲୀପ ପ୍ରଧାନଙ୍କ ମାର୍ଗଦର୍ଶିତାରେ ଯୋଗ ଦିବସ ପାଳିତ ହୋଇଯାଇଛି। କୁହୁଡି ଜନତା ଡିଗ୍ରୀ କଲେଜରେ ଯୋଗ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ଟୁକୁନା ପ୍ରଧାନ, ପରିଚାଳନା ପରିଷଦ ସଭାପତି ମନୋଜ ମାନସିଂହ ଓ ଯୋଗଗୁରୁ ପ୍ରଦୀପ ପ୍ରଧାନ ଯୋଗାଭ୍ୟାସ କରାଇଥିଲେ। କୁହୁଡି ମାନସ ସରୋବରଠାରେ ପୂର୍ବତନ ସରପଞ୍ଚ ଜୟଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଯୋଗ ଦିବସ ପାଳନ କରାଯାଇଛି। ତାରା ଶାସମଳ, ପ୍ରମୋଦ ବିଶୋଇ ଓ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ ଯୋଗ ଦିବସ ପାଳନ କରାଯାଇଛି।

**ବାଲୁଗାଁ:** ବାଲୁଗାଁ ବାଣପୁର ଅଞ୍ଚଳରେ ପ୍ରଶାସନ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ନଗରପାଳ ମିଟୁ ନାୟକଙ୍କ ନେତୃତ୍ୱରେ ତଥା କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନାଙ୍କ ତତ୍ତ୍ୱାବଧାନରେ ବାଣପୁର ଐତିହାସିକ ପଲଟଣ ପଡ଼ିଆ ସ୍ଥିତ ସହଶଦ କୃତୀବାସ ଭବନ ପରିସରରେ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଯୋଗ ଶିବିରରେ ଏନ୍‌ଏସିର ଉପାଧ୍ୟକ୍ଷା, କାଉନସିଲର ଓ କର୍ମଚାରୀଙ୍କ ସମେତ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, କ୍ରୀଡାବିତ୍ ଯୋଗ ଦେଇଥିବା ବେଳେ ଯୋଗ ପ୍ରଶିକ୍ଷକ ପ୍ରସନ୍ନ କୁମାର ମିଶ୍ର ଯୋଗ ଦିବସର ମୂଳଲକ୍ଷ୍ୟ ଓ ନିୟମିତ ଯୋଗ ସାଧନା କରିବାର ଉପକାରୀତା ସମ୍ପର୍କରେ ସଚେତନ କରିଥିଲେ। ସେହିପରି ଜିଲ୍ଲା ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବାଲୁଗାଁ ଉଚ୍ଚ ବିଦ୍ୟାଳୟ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପରିସରରେ ଏନ୍‌ଏସି ଅଧ୍ୟକ୍ଷା ଶୁକାନ୍ତି ପାଇକରାୟ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଉକ୍ତ ଯୋଗ ଶିବିରରେ ଏନ୍‌ଏସିର କାଉନସିଲର, କର୍ମଚାରୀ ବୃନ୍ଦ ଓ ବାଲୁଗାଁ ହାଇସ୍କୁଲ ସମେତ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, କ୍ରୀଡାବିତ୍ ସାମିଲ ହୋଇଥିଲେ। ଏହି ଅବସରରେ ବାଲୁଗାଁ ମହାବିଦ୍ୟାଳୟ, ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯୋଗ ଦିବସ ପାଳିତ ହୋଇଯାଇଛି।



## ଟ୍ରକ୍ ଧକ୍କାରେ ଅଟୋଚାଳକ ମୃତ, ଜଣେ ଗୁରୁତର

**ନିରାକାରପୁର, ୨୧।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଗୟାବନ୍ଧ ଛକ ନିକଟରେ ୨୦ ତାରିଖ ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ



ଘଟିଥିବା ବେଳେ ଆଉ ଜଣେ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ କି ୨୦ ତାରିଖ ବିଳମ୍ବିତ ରାତ୍ରିରେ ଗଡ଼ଶିଗଦା ଥାନା ଅନ୍ତର୍ଗତ ଚୂପୁରିଙ୍ଗ ଗ୍ରାମର ବାଦଲ କୁମାର ରାଉତରାୟ (୨୬) ଭୁବନେଶ୍ୱରରୁ ପରିବା ଲୋଡ କରି ଅଟୋ ନଂ ଓଡି ଡବ୍ଲୁ ୮୩୪୫ ରେ ଆସୁଥିବା ବେଳେ ଜଙ୍କିଆ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଗୟାବନ୍ଧ ଛକ ନିକଟରେ ଟ୍ରକ୍ ନଂ-ଓଡି ୦୨ ସି ଜେ-୬୪୭୫ ପଛକୁ ବ୍ୟାକ୍ କରୁଥିବା ବେଳେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅଟୋ ଚାଳକ ବାଦଲଙ୍କ ମୃତ୍ୟୁ ଘଟିଥିଲା। ଅଟୋରେ ବସିଥିବା ଉକ୍ତ ଗ୍ରାମର ବିନୟ ଜେନା ( ୩୨) ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଜଙ୍କିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ଜଟଣୀ, ୨୧।୬(ସମିସ):** ଜଟଣୀ ଥାନା ସୀତାରାମ ଛକ ଅଞ୍ଚଳରେ ଗଞ୍ଜେଇ ବିକ୍ରି ଘଟଣାରେ ଜଣେ ବେପାରୀକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ବାଲିଛକ ସାହି ଅଞ୍ଚଳର ଶିବ ଦାସ ଓରଫ୍ ରମେଶ (୩୦)। ତା ନିକଟରୁ ୩.୧କିଲୋ ଗଞ୍ଜେଇ ଓ ୧୧୦ ଟଙ୍କା ଜବତ କରିଛି ପୁଲିସ। ତେବେ ଅଭିଯୁକ୍ତ ଶିବ ଅନେକ ଦିନ ହେବ ଏହି ଅଞ୍ଚଳରେ ବେଆଇନ୍ ଗଞ୍ଜେଇ ବେପାର କରି ଆସୁଥିଲା। ଆଜି ସକାଳେ ଓଭରବ୍ରିଜ୍ ନିକଟରେ ଗଞ୍ଜେଇ ପ୍ୟାକେଟ୍ ଧରି ଗ୍ରାହକକୁ ଅପେକ୍ଷା କରିଥିବା ବେଳେ ପୁଲିସ ଖବର ପାଇ ଅତର୍କିତ ଚଡ଼ଉ କରିଥିଲା। ଅଧିକ ପଚରାଉଚରା ବେଳେ ଜବତ ଗଞ୍ଜେଇ କନ୍ଧମାଳ ଅଞ୍ଚଳରୁ ଆଣି ଏଠାରେ ବିକ୍ରି କରୁଥିବା ଜଣାପଡ଼ିଛି। ଏନେଇ ଥାନାରେ କେସ୍ ୨୪୧/୨୪ ରେ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ପାନୀୟ ଜଳ ଲାଗି ବ୍ଲକ୍ କାର୍ଯ୍ୟାଳୟରେ ଧାରଣା

**ବୋଲଗଡ଼, ୨୧।୬(ସମିସ):** ପାନୀୟ ଜଳ ଯୋଗାଣ ସମସ୍ୟା ନେଇ ବ୍ଲକ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଜିଲ୍ଲା ବୋଲଗଡ଼ ବ୍ଲକ ରେ। ବୋଲଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଅସରଳା ଗ୍ରାମର ନନ୍ଦସାହିର ଗ୍ରାମବାସୀ ତାଙ୍କ ସାହିକୁ ପାନୀୟ ଜଳ ଯୋଗାଣ ସୁବ୍ୟବସ୍ଥିତ କରିବା ପାଇଁ ଲିଖିତ ଭାବେ ବିଡ଼ିଓଙ୍କୁ ଜଣାଇବା ସହିତ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ହାତରେ ଗରା, ମାଠିଆ ଧରି କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିଲେ। ଅସରଳଦଳ ପଞ୍ଚାୟତରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ରୁ ନନ୍ଦସାହିକୁ ପାଇପ୍ ଯୋଗେ ପାନୀୟ ଜଳ ସଠିକ ଭାବେ ଆସୁନାହିଁ। ଏପରିକି ଉକ୍ତ ସାହିରେ ଥିବା ଏକ ନଳକୂପର ଜଳ ପାନୀୟ ଉପଯୋଗୀ ନୁହେଁ ବୋଲି ସାହି ବାସିନ୍ଦା ଅଭିଯୋଗ କରୁଛନ୍ତି।



ଏଥିନେଇ ଗ୍ରୀଷ୍ମଋତୁରେ ଜଳ ସଙ୍କଟ ଦେଖା ଯାଇଥିବା ବେଳେ ପାନୀୟଜଳ ପାଇଁ ସାହିର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଅନ୍ୟତ୍ର ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପଞ୍ଚାୟତ ଠାରୁ ଆରମ୍ଭ କରି ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ସାହିରେ ପାନୀୟ ଜଳ ସଙ୍କଟ ସମସ୍ୟାର ସମାଧାନ ପାଇଁ ବାଧ୍ୟ ହୋଇ ବିଡିଓଙ୍କୁ ଲିଖିତ ଭାବେ ଅନୁରୋଧ କରିବା ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ରେ ବସିଥିବାର ଅଭିଯୋଗକାରୀମାନଙ୍କ ଠାରୁ ପ୍ରକାଶ। ଅସରଳା ଗ୍ରାମ ନନ୍ଦ ସାହିକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନକଲେ ଧାରଣାରୁ ଉଠିବେ ନାହିଁ ବୋଲି କହିଥିଲେ। ସେପଟେ ବିଡିଓ ଶରତ ମଲ୍ଲିକ ବର୍ତ୍ତମାନ ସମସ୍ୟାର ସମାଧାନ ପାଇଁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦେବା ସହିତ ଘଟଣାର ଅନୁଧାନ ପାଇଁ ବିଭାଗୀୟ ଯନ୍ତ୍ରୀ ଏବଂ ଏବିଡିଓ ଯାଇଥିଲେ। ଆଗାମୀ ଦିନରେ ଉକ୍ତ ପାନୀୟ ଜଳ ସଙ୍କଟର ସମାଧାନ କରାଯିବ ବିଡିଓ ଶ୍ରୀ ମଲ୍ଲିକ କହିଛନ୍ତି।

**• ମହିଳାଙ୍କୁ ଆକ୍ରମଣ ଘଟଣା**

## ବାପ-ପୁଅ ସମେତ ୩ ଗିରଫ

**ଜଟଣୀ, ୨୧।୬(ସମିସ):**ଜଟଣୀ ବ୍ଲକ ବରକୁଦା ଗ୍ରାମରେ ଜଣେ ମହିଳାଙ୍କୁ ଲୁହା ରଡ଼ରେ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ବାପ ପୁଅ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବାପ ପୁଅ ହେଲେ କାଳନ୍ଦୀ ଦାସ ଓ ତାଙ୍କ ଦୁଇ ପୁଅ ଦେବାନନ୍ଦ, ଶିବାନନ୍ଦ। ସୂଚନା ଅନୁସାରେ ବରକୁଦା ଗ୍ରାମର କିଶୋର ଦାସ ଓ ତାଙ୍କ ମାଆ ଘରେ ଥିବା ବେଳେ ଅଭିଯୁକ୍ତ



କାଳନ୍ଦୀ ଓ ତାଙ୍କ ଦୁଇ ପୁଅ କୌଣସି ଘଟଣାକୁ ନେଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। କିଶୋରଙ୍କ ମାଆ ବିରୋଧ କରିବାରୁ ଦେବାନନ୍ଦ ଦାସ ଏକ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏୟାରଫିଲ୍‌ଡ ଥାନାରେ ଅଭିଯୋଗ ହେବା ପରେ ପୁଲିସ ବାପ ପୁଅଙ୍କୁ ଗିରଫ କରିବା ସହ କେସ୍ ନମ୍ବର ୧୭୪/୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

**ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

# ବନ୍ୟା-ବତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଖୋର୍ଦ୍ଧା, ୨୧।୬(ସମିସ)**

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗର ଅଧିକାରୀମାନେ ଅତୀତରେ ସଫଳତାର ସହିତ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରିଛନ୍ତି। ଏହି ଅଭିଜ୍ଞତାକୁ ପାଥେୟ କରି ଆଗାମୀ ମୌସୁମୀ ଋତୁରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ନିମନ୍ତେ ଜିଲ୍ଲାପାଳ ସହଯୋଗ କାମନା କରିଥିଲେ। ବୈଠକରେ ଅଧିକାଂଶ ଅଧିକାରୀ ଅନୁପସ୍ଥିତ ଥିବାରୁ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଉକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜିଲ୍ଲାପାଳ କହିଥିଲେ।

ବୈଠକରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜଟଣୀ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲ୍ଲା ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ବାଦଲ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କୁ ସାଂସଦ ଅପରାଜିତ ଷଡ଼ଙ୍ଗୀ ଅନୁଶାସନ, ଦାୟିତ୍ୱ ଏବଂ ରାଜନୈତିକ ବ୍ୟକ୍ତିବିଶେଷ ଠାରୁ ଊର୍ଦ୍ଧ୍ୱରେ ରହି




କାର୍ଯ୍ୟ କରିବାକୁ କହିଥିଲେ।

ବୈଠକରେ ବିଭିନ୍ନ ସ୍ଥାନରେ ଥିବା ଡ୍ରେନେଜ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅସରାଏ ବର୍ଷା ହେଲେ ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନ ଜଳମଗ୍ନ ହେଉଛି ବୋଲି ବିଧାୟକ ଶ୍ରୀ ଜଗଦେବ କହିଥିଲେ। ଡ୍ରେନ ଓ କଲଭର୍ଟ ନିର୍ମାଣ ଲାଗି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବାକୁ ବୈଠକରେ ଶ୍ରୀ ଜଗଦେବ ମତ ରଖିଥିଲେ। ଏଥିସହିତ ରାଜୁଆ ନଦୀ ବନ୍ଧ ସୁଦୃଢ଼ୀକରଣ କରିବାକୁ ବିଧାୟକ ଜଗଦେବ କହିଥିଲେ। ବେଗୁନିଆ ବିଧାୟକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଡ୍ରେନ ନିର୍ମାଣ ଓ ମରାମତି ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ସାହୁ ଅଟ୍ରି ଉଷ୍ଣପ୍ରସ୍ରବଣ କେନ୍ଦ୍ର ମଧ୍ୟକୁ ପ୍ରବେଶ କରୁଥିବା ବନ୍ୟାଜଳ ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ପ୍ରସ୍ତାବ ରଖିଥିଲେ। ସେହିପରି ବାଣପୁର ପୌରାଞ୍ଚଳରେ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ପୂର୍ତବିଭାଗ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପରିଷଦ ଉପସଭାପତି ଶ୍ରୀ ମହାରଣା କହିଥିଲେ। ଏଥିସହିତ ବାଣପୁର ବ୍ଲକର ନନ୍ଦପୁର, ମଙ୍ଗରାଜପୁର, ସାନହନ୍ତୁଆଡ ଗାଁ ନିକଟରେ ନାଳ ଗୁଡିକ ପୁନରୁଦ୍ଧାର କରାଯାଉ ବୋଲି ଡ୍ରେନେଜ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ।

ବାତ୍ୟା ମୁକାବିକା ନିମନ୍ତେ ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ମଇ ମାସ ପ୍ରଥମ ଦିବସ ଠାରୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ଖୋଲାଯାଇଛି। ଦୈନିକ ବୃଷ୍ଟିପାତ ରେକର୍ଡ କରାଯିବ। ଦୁର୍ବଳ ନଦୀ

- ରାଜୁଆ ନଦୀ ବନ୍ଧ ସୁଦୃଢ଼ୀକରଣ କରିବାକୁ ଖୋର୍ଦ୍ଧା ବିଧାୟକଙ୍କ ପ୍ରସ୍ତାବ
- ଅଟ୍ରି ଉଷ୍ଣପ୍ରସ୍ରବଣ କେନ୍ଦ୍ର ମଧ୍ୟକୁ ପ୍ରବେଶ କରୁଥିବା ବନ୍ୟାଜଳ ରୋକିବାକୁ ଗୁରୁତ୍ୱ
- ଦୁର୍ବଳ ନଦୀବନ୍ଧ ତଥା କେନାଲ ବନ୍ଧଗୁଡ଼ିକ ଯୁଦ୍ଧକାଳୀନଭିତ୍ତିରେ ହେବ ମରାମତି
- ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ
- ଅନୁପସ୍ଥିତ ଅଧିକାରୀଙ୍କୁ ଜାରିହେବ କାରଣଦର୍ଶାଅ ନୋଟିସ

ଓ କେନାଲ ବନ୍ଧ ଗୁଡିକ ତୁରନ୍ତ ମରାମତି ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜଳସେଚନ ଏବଂ ଡ୍ରେନେଜ ଗୁଡିକ ଅବରୋଧ ମୁକ୍ତ ହେବ ସେଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ଆଶ୍ରୟସ୍ଥଳୀଗୁଡ଼ିକର ଆବଶ୍ୟକ ମରାମତି କରାଯିବ। ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ପର୍ଯ୍ୟାପ୍ତ ମାତ୍ରାରେ ଶୁଖିଲା ଖାଦ୍ୟ ଓ ଛତୁଆ ରଖାଯିବ। ସମ୍ଭାବ୍ୟ ବନ୍ୟା ବାତ୍ୟା ପରିସ୍ଥିତିରେ ଡଙ୍ଗା ମୁତୟନ କରାଯିବ। ପାୱାର ବୋଟ୍ ଚଳାଇବା ପାଇଁ ଡ୍ରାଇଭରମାନଙ୍କୁ ନିଯୁକ୍ତି ଦିଆଯିବ। ବନ୍ୟା ଓ ବାତ୍ୟା ସମୟରେ ଟେଲିଫୋନ ଲାଇନ ଯେପରି ସଠିକ ଭାବରେ କାର୍ଯ୍ୟ କରେ ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବେ। ବର୍ଷା ଦିନ ପୂର୍ବରୁ ନାଳ, କେନାଲ ଡ୍ରେନେଜ ପୁନରୁଦ୍ଧାର, ମରାମତି ଲାଗି ଜଳସେଚନ, ପୌର ଓ ଏନଏସି କର୍ତ୍ତୃପକ୍ଷ ଗୁରୁତ୍ୱ ଦେବେ।

ଭୁବନେଶ୍ୱର ମହାନଗର ନିଗମରେ ବର୍ଷା ଦିନରେ ଜଳ ନିଷ୍କାସନ ଲାଗି ଡ୍ରେନେଜ ଡିଭିଜନ ଭୁବନେଶ୍ୱରକୁ ଜିଲ୍ଲାପାଳ ତାଗିଦ କରିଥିଲେ। ବର୍ଷା ଜନିତ ଜଳ ନିଷ୍କାସନ, ସମସ୍ୟା ସମାଧାନ ପାଇଁ ବିଏମସି ଡ୍ରେନେଜ ଡିଭିଜନ ବିଭାଗ ଆଗୁଆ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ। ବନ୍ୟା ପୂର୍ବରୁ ଚୁଡା, ଚାଉଳ, ଗୁଡ ଓ କିରୋସିନ ପ୍ରଭୃତି ମହଜୁଦ ରଖିବା ଲାଗି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ବିଡିଓ, ପୌର ନିର୍ବାହୀ ଅଧିକାରୀମାନେ ନିଜ ଅଞ୍ଚଳର ଆବଶ୍ୟକତା ଅନୁସାରେ ରିପୋର୍ଟ ପ୍ରଦାନ କରିବେ। ବନ୍ୟା, ବାତ୍ୟା ସମୟରେ ବ୍ୟାପକ ଫସଲ ନଷ୍ଟ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ବନ୍ୟାଞ୍ଚଳରେ କୃଷିକାର୍ଯ୍ୟ ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ ସହ ସବିଶେଷ ରିପୋର୍ଟ ପ୍ରଦାନ କରିବେ। ଆଶ୍ରୟସ୍ଥଳୀରେ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ମେଡିସିନ ମହଜୁଦ ରଖିବା ସହ ମେଡିକାଲ ଟିମ ପ୍ରସ୍ତୁତ ରଖିବାକୁ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ବ୍ୟବସ୍ଥା କରିବେ। ଆବଶ୍ୟକ ପଶୁ ଖାଦ୍ୟ, ସ୍ୱାସ୍ଥ୍ୟଯତ୍ନ ଲାଗି ଜିଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଗୁରୁତ୍ୱ ଦେବେ। ରିଲିଫ ସୁପରିଚାଳନା ପ୍ରତି ସର୍କଲ ଅଧିକାରୀମାନେ ଗୁରୁତ୍ୱ ଦେବେ। ବନ୍ୟା, ବାତ୍ୟା ସମୟରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ପହଞ୍ଚାଇବା ବ୍ୟବସ୍ଥା ଲାଗି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

ବୈଠକରେ ସିଡିଏମ୍‌ଓ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ଉପଜିଲ୍ଲାପାଳ (ଖୋର୍ଦ୍ଧା ଓ ଭୁବନେଶ୍ୱର), ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ଶିକ୍ଷା, ସ୍ୱାସ୍ଥ୍ୟ, ଉଠାଜଳସେଚନ, ଜଳସେଚନ, କ୍ଷୁଦ୍ର ଜଳସେଚନ, କୃଷି, ଗ୍ରାମ୍ୟ ଉନ୍ନୟନ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ପ୍ରମୁଖ ଜିଲ୍ଲା ଶିଶୁ ଓ କଲ୍ୟାଣ ବିଭାଗ, ଜିଲ୍ଲା ଯୋଗାଣ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ପ୍ରମୁଖ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଡେପୁଟି କଲେକ୍ଟର ଶ୍ରିତପା ମିଶ୍ର ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA



## ଗଡ଼ା ଚାଲିଛି ତିନି ରଥ

# ଚାରିନାହାକାରେ ପ୍ରଥମ ଭୂଇଁ ସଂଯୋଗ



ପୁରୀ, ୨୧।୬(ସମିସ): ରଥଯାତ୍ରାକୁ ଆଉ ରହିଲା ୧୫ଦିନ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଜୋର୍ ଧରିଥିବା ବେଳେ ଶ୍ରୀନଅର ସମ୍ମୁଖ ରଥଖଳା ବି ଚଳଚଞ୍ଚଳ ରହିଛି। ଶୁକ୍ରବାର ତିନିରଥର ଚାରିନାହାକାରେ ପ୍ରଥମ ଭୂଇଁ ଚଉତା ବା ଛ'କାଠ ସଂଯୋଗ ହୋଇଛି। ପ୍ରତ୍ୟେକ ରଥରେ ଚଉଦ ନାହାକା ଉଠିଲା ପରେ ପ୍ରଥମ ଭୂଇଁର ବାକି ଅଂଶ ସଂଯୋଗ କରାଯିବ। ଅନ୍ୟ କାମ ମଧ୍ୟରେ ଦ୍ୱିତୀୟ ଭୂଇଁ ଫ୍ରେମ ସେଟିଂ କରାଯାଇଛି। ଗୁରୁବାର ୧୬ ଫୁଟ୍‌ର ୪ଟି ଭୂଇଁ ଚଉତାକୁ ବର୍ଗାକାର ଭାବେ ପ୍ରତ୍ୟେକ ବାହୁ ସଂଯୋଗ ହୋଇ ତା'ର ଉଭୟପାର୍ଶ୍ୱରେ ୧୨ ଫୁଟର ଦୁଇଟି ଓରା ପକାଯାଇଥିଲା। ଶୁକ୍ରବାର ଏହି ଓରାରେ ୪ଟି ଲେଖାଏ ଖମ୍ବି ସଂଯୋଗ କରାଯାଇଥିଲା। ଏହାର ଚାରିପାର୍ଶ୍ୱରେ ୪ଟି ଲେଖାଏଁ ୧୬ଟି ଛିଆଣ, ଭୂଇଁ ଖମ୍ବି ସଂଯୋଗ ହବା ପରେ ଭୂଇଁ ଶେଣୀ ଉପରେ ମାଛ ପାଡିଆ ଓ ସିଆଣ ସଂଯୋଗ ହୋଇ ପରୀକ୍ଷାମୂଳକ ଭାବେ ନିର୍ମାଣ କରାଯାଇଛି। ଏହାପରେ ଭୂଇଁର ପ୍ରତ୍ୟେକ ଅଂଶ ନମ୍ବରିଂ କରାଯାଇ ଏହାକୁ ଖୋଲାଯାଇଛି। ସେହିପରି ଗାରେଡି ସାଇଜ୍ କରାଯାଉଥିବା ବେଳେ ରୂପକାର ସେବକ ତିନି ରଥର ଦୁଆର ବେଢ଼ା ପାଇଁ ୨୪ଟି ନାଟଗୋଡ଼ରେ ରାହୁ ରୂପ ଖୋଦେଇ ଜାରି ରଖିଛନ୍ତି। ସେହିପରି ଚିତ୍ରକାର ସେବକମାନେ ତିନିରଥର ପାର୍ଶ୍ୱ ଦେବଦେବୀ, ସକ୍ଷୀ, ଓଲଟ ଶୁଆ ଏବଂ ଦେବଦେବୀ ଆସ୍ଥାନ ଫ୍ରେମଗୁଡ଼ିକୁ ସଫା କରି ରଙ୍ଗ ଦେଉଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନିରଥର ପୋଟଳ ପାଇଁ ପୋଟଳ ନଦା କଣ୍ଟା ତିଆରି କରୁଛନ୍ତି।

**ବାସୁଦେବପୁରରେ ସଶସ୍ତ୍ର ଡକାୟତି**

# ଭୁଜାଲି ଚୋଟରେ ମହିଳା ମୃତ

**ଲୁଟିନେଲେ ସୁନା ଅଳଙ୍କାର**



ବାସୁଦେବପୁର, ୨୧।୬(ସମିସ): ବାସୁଦେବପୁର ଥାନା ଅନ୍ତର୍ଗତ ବାଗଦା ବିନାୟକପୁରସ୍ଥିତ ଇଛାପୁର ରାସ୍ତାକଡ଼ରେ ଥିବା ଏକ ଘରୁ ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ଉକ୍ତ ଘରୁ ସୁନା ଅଳଙ୍କାର ଚୋରି କରିବା ବେଳେ ପରିବାରର ଜଣେ ମହିଳା ବାଧା ଦେବାରୁ ସେମାନେ ତାଙ୍କୁ ହାଣି ଦେଇଛନ୍ତି। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ କଟକସ୍ଥିତ ଏକ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ବାସୁଦେବପୁରରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହ ପୁଲିସ୍ ତଦନ୍ତ କରିଛି। ମୃତ ମହିଳାଜଣଙ୍କ ହେଲେ, ରବୀନ୍ଦ୍ର ବେହେରାଙ୍କ ପତ୍ନୀ ସସ୍ମିତା ବେହେରା(୩୨)।

ରବୀନ୍ଦ୍ର ସାବରପୁର ଛକ ନିକଟ ବାସୁଦେବପୁର-ଇଛାପୁର ରାସ୍ତା ପାର୍ଶ୍ୱର ଘର କରି ରହୁଛନ୍ତି। ରବୀନ୍ଦ୍ର ବେଙ୍ଗାଲୁରୁରେ କାମ କରୁଥିବା ବେଳେ ଘରେ ସସ୍ମିତା ଓ ଝିଅ ଚିନ୍ମୟୀ(୧୨) ରହୁଛନ୍ତି। ଗତ ଗୁରୁବାର ରାତିରେ କିଛି ଦୁର୍ବୃତ୍ତ ଘରର କବାଟ ତାଡ଼ି ଭିତରକୁ ପ୍ରବେଶ କରିଥିଲେ। ଏହି ସମୟରେ ସସ୍ମିତା ଉଠିଯିବାରୁ ଦୁର୍ବୃତ୍ତମାନେ ଏକ ଭୁଜାଲିରେ ତାଙ୍କ ବେକକୁ ଚୋଟ ପକାଇଥିଲେ। ପରେ ଘରେ ଥିବା ସମସ୍ତ ସୁନା ରୁପା ଅଳଙ୍କାର ଓ ନଗଦ କିଛି ଟଙ୍କା ନେଇ ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ସସ୍ମିତା ବାପଘର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଭଦ୍ରକ ଚିକିତ୍ସା ପାଇଁ ନେଇ ଯାଇଥିଲେ। ହେଲେ ସସ୍ମିତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବାସୁଦେବପୁର ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ଝିଅ ଚିନ୍ମୟୀଙ୍କ ବୟାନ ରେକର୍ଡ କରିଥିବା ଜାଣିବାକୁ ମିଳିଛି।

# ଜଣ୍ଡିସ, ଆକ୍ରାନ୍ତ ସଂଖ୍ୟା ୬୦ରେ ପହଞ୍ଚିଲା

**ଜନସ୍ୱାସ୍ଥ୍ୟ ବିଭାଗକୁ ଦାୟୀ କଲେ ଜନସାଧାରଣ**

ସମ୍ବଲପୁର, ୨୧।୬ (ସମିସ): ସମ୍ବଲପୁର ସହରରେ ଜଣ୍ଡିସ୍ ନିଜର କାୟା ବିସ୍ତାର କରିବାରେ ଲାଗିଛି। ଗତକାଲି ୪୯ଜଣ ଜଣ୍ଡିସ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଆଜି ଏହି ସଂଖ୍ୟା ୬୦ରେ ପହଞ୍ଚିଛି। ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ପକ୍ଷରୁ ଯୋଗାଯାଉଥିବା ପାଣିରୁ ଜଣ୍ଡିସ୍ ବ୍ୟାପୁଥିବା ଲୋକେ ଅଭିଯୋଗ କରିଛନ୍ତି। ପିଏଚଡିର ଯୋଗାଣ ଗୋଳିଆ ଓ ସେଥିରୁ ପୋକ ବାହାରୁଛନ୍ତି। ସେହିପରି ପାଣି ପାଇପ୍ ଓ ଡ୍ରେନ୍ ଗୋଟିଏ ସ୍ଥାନରେ ରହୁଥିବାରୁ ପାଇପ୍ ଫାଟିଲେ, ସେଥିରେ ଡ୍ରେନ୍ ପାଣି ମିଶିଯାଉଛି। ତେଣୁ ଜଣ୍ଡିସ୍ ବ୍ୟାପିବାର ଅଧିକ ଆଶଙ୍କା ରହୁଛି।

ସିଡିଏମ୍‌ଓ ଡାକ୍ତର ସୁଜାତାରାଣୀ ମିଶ୍ରଙ୍କ କହିବା କଥା, ଆଜି ଚିହ୍ନଟ ସଂଖ୍ୟା ହ୍ରାସ ପାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ୪ଜଣ ୨୦ବର୍ଷୀୟା ରହିଥିବା ବେଳେ ୫୪ଜଣଙ୍କ ବୟସ ୧୪ବର୍ଷରୁ କମ। ପାଣି ଅପେକ୍ଷା ଫାଷ୍ଟଫୁଡ୍ ଦ୍ୱାରା ଜଣ୍ଡିସ ସଂକ୍ରମଣ ହୋଇଥାଇପାରେ। ପାଣି ପରୀକ୍ଷା ପାଇଁ ଜନ ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟର ମାନ ପରୀକ୍ଷା କରିବା ପାଇଁ ଏସଏମସିକୁ ଚିଠି କରାଯାଇଛି ବୋଲି ସେ କହିଛନ୍ତି।

**ରାଇମଣି ଛକ ଟ୍ରିପଲ ମର୍ଡର ମାମଲା**

# ମାତ୍ର ୧୦୨୦ ଟଙ୍କା ପାଇଁ ତିନିଜଣଙ୍କୁ ମାରିଦେଲା

**ଅଭିଯୁକ୍ତ ନାବାଳକକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଇଲା ପୁଲିସ୍**



ଭଦ୍ରକ, ୨୧।୬ (ସମିସ): ମାତ୍ର ୧ ହଜାର ୨୦ ଟଙ୍କା ପାଇଁ ତିନିତିନିଟି ଜୀବନ ନେଇଗଲା ମାତ୍ର ୧୪ ବର୍ଷର ନାବାଳକ। ରାଇମଣି ଟ୍ରିପଲ୍ ମର୍ଡର୍ ପଛର ସତ୍ୟ ଉନ୍ମୋଚନ କରି ପୁଲିସ୍ ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇଛି। ଏହାସହ ଅଭିଯୁକ୍ତ ନାବାଳକକୁ ପୁଲିସ୍ ଆଜି ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଇଛି। ଏହି ବୀଭତ୍ସ ଘଟଣାରେ ପୁଲିସ ୨ଟି ଏତଲା କ୍ରମେ ୨ଟି ହତ୍ୟା ମାମଲା ରୁଜୁ କରିଛି। ପ୍ରଥମ ମାମଲାଟି ମୃତା ସୁକାନ୍ତି ମୁଣ୍ଡାଙ୍କ ସ୍ୱାମୀ ରାଜୁ ମୁଣ୍ଡାଙ୍କ ଏତଲାକ୍ରମେ (କେଶ ନଂ-୪୦୮/୨୪)ରୁଜୁ ହୋଇଥିବା ବେଳେ ୨ୟ ମାମଲାଟି ଅଭିଯୁକ୍ତ ନାବାଳକର ମା' ରୁବି ମୁଣ୍ଡାଙ୍କ ଏତଲାକ୍ରମେ (କେଶ ନଂ-୪୦୯/୨୪) ରୁଜୁ ହୋଇଥିବା ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ରାଜୁ ମୁଣ୍ଡାଙ୍କ ସ୍ତ୍ରୀ ସୁକାନ୍ତି ମୁଣ୍ଡା ନାବାଳକଠାରୁ ୧ ହଜାର ଟଙ୍କା ଧାର୍ ନେଇଥିଲେ। କିନ୍ତୁ ଦୀର୍ଘ ଦିନ ଧରି ଫେରାଉନଥିଲେ। ମଙ୍ଗଳବାର ରାତିରେ ମହିଳାଜଣଙ୍କ ରାଇମଣି ଛକକୁ ଆସିଥିବା ବେଳେ ନାବାଳକଜଣଙ୍କ ତାଙ୍କୁ ଟଙ୍କା ମାଗିଥିଲା। କିନ୍ତୁ ଟଙ୍କା ଦେବାକୁ ମନା କରିଦେବାରୁ ରାଗରେ ସେ ତାଙ୍କ ବେକକୁ ଶାଢ଼ିରେ ଚିପି ହତ୍ୟା କରିଥିଲା। ପାଖରେ ଥିବା ମହିଳାଙ୍କ ୬ବର୍ଷୀୟା ଶିଶୁକନ୍ୟା ଏହା ଦେଖିଦେବାରୁ ସେ ତାକୁ ଗୋଡ଼ାଇ ଗୋଡ଼ାଇ କଲଭର୍ଟ ନିକଟରେ ପଥରରେ ଛେଚି ହତ୍ୟା କରିଥିଲା। ଏସବୁ କାଣ୍ଡ ନିଶାସକ୍ତ ଅବସ୍ଥାରେ କରିଥିବା ସନ୍ଦେହ କରାଯାଉଛି। ତେବେ ଏହି ହତ୍ୟାକାଣ୍ଡର କାରଣ ଦୁଷ୍କର୍ମ ବୋଲି ମୃତା ମହିଳାଙ୍କ ସ୍ୱାମୀ ରାଜୁ ମୁଣ୍ଡା ଅଭିଯୋଗ କରିଥିବା ବେଳେ ପୁଲିସ୍ ତାହାକୁ ଅସ୍ୱୀକାର କରିଛି। ସେହିପରି ଅଭିଯୁକ୍ତ ନାବାଳକ ତା' ଆଈ ସୁମତି ମୁଣ୍ଡାକୁ ୨୦ ଟଙ୍କା ମାଗିଥିଲା। କିନ୍ତୁ ସୁମତି ଟଙ୍କା ଦେବାକୁ ମନା କରିଦେବାରୁ ସେ ଶାଢ଼ିରେ ତଣ୍ଟିକୁ ଚିପି ତାଙ୍କୁ ହତ୍ୟା କରିଥିଲା।

# ଆଦର୍ଶ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର, ୨୧।୬(ସମିସ): ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଦଶମ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିୟମାନୁସାରେ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଯୋଗାଭ୍ୟାସ କରିଛନ୍ତି। ସକାଳ ୭ଟା ରୁ ୭.୪୫ ପର୍ଯ୍ୟନ୍ତ ପ୍ରାଣାୟମ, ଧ୍ୟାନ, ସୂର୍ଯ୍ୟ ନମସ୍କାର ଓ ସଂକଳ୍ପ ପରି ବିଭିନ୍ନ ଯୋଗମୁଦ୍ରା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ବିଶେଷଜ୍ଞମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସମ୍ପର୍କରେ ଯୋଗ ଓ ବ୍ୟାୟାମର ଉପକାରିତା ସମ୍ପର୍କରେ ଅବଗତ କରିଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ କୁଇଜ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ବିଭାଗର ଉପଦେଷ୍ଟା ଦାୟିତ୍ୱମୁକ୍ତ

ଭୁବନେଶ୍ୱର, ୨୧।୬(ସମିସ): ବିଭିନ୍ନ ସରକାରୀ ବିଭାଗରେ ନିଯୁକ୍ତ ଥିବା ଉପଦେଷ୍ଟାମାନଙ୍କୁ ଦାୟିତ୍ୱମୁକ୍ତ କରିଛନ୍ତି ରାଜ୍ୟ ସରକାର। ପୂର୍ବ ସରକାର ବିଭିନ୍ନ ବିଭାଗରେ ଉପଦେଷ୍ଟା ଭାବରେ ଅନେକ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଏହି ଉପଦେଷ୍ଟାମାନଙ୍କୁ ଦାୟିତ୍ୱମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**■ ଦଶମ ପର୍ଯ୍ୟାୟ ନିଲାମର ଶୁଭାରମ୍ଭ**

# ୮ଟି ରାଜ୍ୟର ୬୭ଟି କୋଇଲା ଖଣିର ହେବ ନିଲାମ

**ଓଡ଼ିଶାରୁ ସର୍ବାଧିକ ୧୬ ଖଣି**

ଭୁବନେଶ୍ୱର, ୨୧।୬(ସମିସ): ଓଡ଼ିଶା ସମେତ ଦେଶର ୮ଟି ରାଜ୍ୟରେ ରହିଥିବା ୬୭ଟି କୋଇଲା ଖଣିର ହେବ ନିଲାମ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ଏ ସମ୍ପର୍କରେ ଘୋଷଣା କରାଯାଇଛି। କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି କିଷନ ରେଡ୍ଡୀ ଶୁକ୍ରବାର ହାଇଦ୍ରାବାଦଠାରେ କୋଇଲା ଖଣିଗୁଡ଼ିକର ଦଶମ ପର୍ଯ୍ୟାୟ ନିଲାମର ଶୁଭାରମ୍ଭ କରିଛନ୍ତି। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ତେଲେଙ୍ଗାନା ରାଜ୍ୟରେ ଥିବା ଖଣିଗୁଡିକର ନିଲାମ କରାଯିବ। ଏହି ନିଲାମରେ ଓଡ଼ିଶାରୁ ସର୍ବାଧିକ ୧୬ଟି ଖଣି ରଖାଯାଇଛି। ଏତାଛଡ଼ା ଛତିଶଗଡ଼ ଓ ମଧ୍ୟ ପ୍ରଦେଶରୁ ୧୫ଟି ଲେଖାଁଏ ଖଣିର ନିଲାମ ହେବ। ସୂଚନାଯୋଗ୍ୟ, ମନ୍ତ୍ରଣାଳୟ ଗତ ୯ଟି ପର୍ଯ୍ୟାୟରେ ୨୫୬ ନିୟୁତ ଟନ୍ ପିକ୍ ରେଟେଡ୍ କ୍ଷମତା ବିଶିଷ୍ଟ ୧୦୭ଟି କୋଇଲା ଖଣିର ନିଲାମ କରିସାରିଛି। ବାଣିଜ୍ୟିକ ଭିତ୍ତିରେ ୨୦୨୦ରେ କୋଇଲା ଖଣି ନିଲାମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଦେଶରେ ସୁଦ୍ଧା ୧୧ଟି ବାଣିଜ୍ୟିକ କୋଇଲା ଖଣି କାର୍ଯ୍ୟକ୍ଷମ ହୋଇଛି। ତେବେ ନିଲାମ ହେବାକୁ ଥିବା ୬୭ଟି କୋଇଲା ଖଣି ମଧ୍ୟରେ ୩ଟି କୋକିଂ କୋଇଲା ଖଣି ରହିଛି। ସୂଚନାଯୋଗ୍ୟ, କୋଲ୍ ଇଣ୍ଡିଆ ଲିମିଟେଡ୍ ପୂର୍ବରୁ ରାଜସ୍ୱ ଆବଣ୍ଟନ ମଡେଲ ଭିତ୍ତିରେ ୨୩ଟି କୋଇଲା ଖଣିକୁ ଘରୋଇ କ୍ଷେତ୍ରର ନିଲାମଧାରୀଙ୍କୁ ପ୍ରଦାନ କରିଛି। କୋଇଲା ମନ୍ତ୍ରଣାଳୟର ସୂଚନାନୁଯାୟୀ, ଏ ଯାଏ ୧୬୧ଟି କୋଇଲା ଖଣିର ନିଲାମ କରାଯାଇଛି। ଏହାର ଉତ୍ତୋଳନ କ୍ଷମତା ୫୭୫ ନିୟୁତ ଟନ୍ ରହିଛି। କେନ୍ଦ୍ରମନ୍ତ୍ରୀ କୋଇଲା ଉଦ୍ୟୋଗୀମାନଙ୍କୁ କୋଇଲା ଉତ୍ପାଦନରେ ଭାରତକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି।

# ଭିଜିଲାନ୍ସ ଏବଂ ଜେଲ୍ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଦୁଇ ବିଭାଗର ମୁଖିଆଙ୍କ ସହ କଲେ ଆଲୋଚନା**

**ଅଧିକ ସକ୍ରିୟ ହୋଇ କାମ କରିବାକୁ ଦେଲେ ପରାମର୍ଶ**

ଭୁବନେଶ୍ୱର, ୨୧।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ କରି ଭିଜିଲାନ୍ସ ଏବଂ ଜେଲ୍ ବିଭାଗର ସମୀକ୍ଷା କରିଛନ୍ତି। ରାଜ୍ୟ ଅତିଥି ଭବନରେ ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ.କେ ଜେଠୱା ଏବଂ ଜେଲ୍ ଡିଜି ଏ.ଏମ୍ ପ୍ରସାଦଙ୍କ ସହ ଆଲୋଚନା କରିଥିଲେ। ଏହି ସମୀକ୍ଷା ବୈଠକରେ ଦୁଇ ବିଭାଗର ଅନ୍ୟାନ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଭିଜିଲାନ୍ସ ବିଭାଗ ନେଇଥିବା କିଛି ପଦେକ୍ଷପ ଏବଂ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। କିଭଳି ଭିଜିଲାନ୍ସ ଆଗକୁ ଅଧିକ ସକ୍ରିୟ ହୋଇ କାମ କରିବ, ସେନେଇ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏପରିକି ଭିଜିଲାନ୍ସରେ ବିଭାଗରେ ଥିବା ସମସ୍ୟା ସମ୍ପର୍କରେ ନିର୍ଦ୍ଦେଶକ ଆଲୋଚନା କରିଥିଲେ। ଆଗାମି ଦିନରେ ଭିଜିଲାନ୍ସର ଥିବା ଲକ୍ଷ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭିଜିଲାନ୍ସ ବିଗତ ଦିନମାନଙ୍କରେ ଭଲ ପ୍ରଦର୍ଶନ କରିଥିବା ନେଇ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଆଗକୁ ଆହୁରି ଉତ୍ତମ ପ୍ରଦର୍ଶନ କରିବା ନେଇ ବିଭାଗକୁ ପରାମର୍ଶ ଦେଇଥିଲେ।

ସେହିପରି କାରାଗାର ଡିଜି ଏ.ଏମ୍ ପ୍ରସାଦଙ୍କ ସହ ଜେଲ୍‌ରେ ଥିବା ସମସ୍ୟା ଏବଂ ଅନ୍ୟାନ କଥା ପଚାରି ବୁଝିଥିଲେ। ବିଶେଷ କରି ରାଜ୍ୟର ବିଭିନ୍ନ ଜେଲ୍ ପରିଦର୍ଶନ କରିବାକୁ କହିଥିଲେ। ଜେଲ୍‌ରେ ପ୍ରଥମ ଥର କରି 'ଯୋଗ' କାର୍ଯ୍ୟକ୍ରମ କରାଯାଇଥିବାରୁ ଏହାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ ଅନ୍ୟାନ କାର୍ଯ୍ୟକ୍ରମ ହାତକୁ ନେବାକୁ କହିଥିଲେ। ଜେଲ୍‌ରେ ଯେପରି ଆଧୁନୀକ କରଣ କରାଯିବା ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଜେଲ୍ କଏଦୀଙ୍କ ପାଇଁ ସଜା ନୁହେଁ ଏକ ସୁଧାରଗୃହ ଭାବେ ଗଢି ତୋଳିବାକୁ ସେ କହିଥିଲେ। ତେଣୁ ସେଠାରେ କଏଦୀଙ୍କୁ ପାଠ ପଢ଼ିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଟ୍ରେନିଂ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

# ସ୍ନାନ ପୂର୍ଣ୍ଣିମା ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ପୁରୀ, ୨୧।୬ (ସମିସ): ଶନିବାର ପବିତ୍ର ସ୍ନାନଯାତ୍ରା। ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଏବଂ ହାତୀବେଶ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏହାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ତାହାର ଅନୁଧ୍ୟାନ କରିଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ଶୁକ୍ରବାର ଅପରାହ୍ଣରେ ମୁଖ୍ୟ ଶାସନ ସଚିବ ପୁରୀ ଆସି ଶ୍ରୀମନ୍ଦିରକୁ ଯାଇ ସବୁ ବ୍ୟବସ୍ଥାର ତଦାରଖ କରିଛନ୍ତି। ସ୍ନାନମଣ୍ଡପ ଉପରକୁ ଯାଇ ବୁଲି ଦେଖିଛନ୍ତି।

ଏହି ଅବସରରେ ମୁଖ୍ୟ ପ୍ରଶାସକ ଶ୍ରୀ ଜେନା କହିଛନ୍ତି, ଶୃଙ୍ଖଳିତ ସ୍ନାନଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ହୋଇଛି। ସ୍ନାନପୂର୍ଣ୍ଣିମାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶୃଙ୍ଖଳିତ ନୀତିକାନ୍ତି ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ସରକାରଙ୍କ ପକ୍ଷରୁ ୭ଜଣ ଅଭିଜ୍ଞ ଅଧିକାରୀ ଦାୟିତ୍ୱରେ ଅଛନ୍ତି। ନୀତିକାନ୍ତି ସୂଚାରୁରୂପେ କିଭଳି ହେବ, ସେନେଇ ସେବାୟତଙ୍କ ସହ ଉତ୍ତମ ସମନ୍ୱୟ ରହିଛି। ପ୍ରବଳ ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ସ୍ନାନ ପୂର୍ଣ୍ଣିମା ସୁରୁଖୁରୁରେ ସମ୍ପାଦନ ହେବ ବୋଲି ଆଶା ରଖିଥିବା କହିଛନ୍ତି ମୁଖ୍ୟ ଶାସନ ସଚିବ।

# ରାଉରକେଲା ବିଧାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ଦିଲ୍ଲୀପ ରାୟ

କଟକ, ୨୧।୬(ସମିସ): ରାଉରକେଲାର ନବନିର୍ବାଚିତ ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ପୁଣି ଏକ ମାମଲା ପହଞ୍ଚିଛି। ୨୦୨୪ ନିର୍ବାଚନରେ ସାରଦାଙ୍କଠାରୁ ପରାଜିତ ହୋଇଥିବା ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀପ ରାୟଙ୍କ ପକ୍ଷରୁ ଏହି ନିର୍ବାଚନୀ ମକଦ୍ଦମା ହାଇକୋର୍ଟରେ ଦାୟର କରାଯାଇଛି। ଶ୍ରୀ ନାୟକ ତାଙ୍କର ଅସ୍ଥାବର ସମ୍ପତ୍ତି ଓ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତରେ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ଅଭିଯୋଗ କରି ଏହି ମାମଲା ରୁଜୁ କରିଛନ୍ତି। ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥା ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ଦର୍ଶାଯାଇଛି।

ପୂର୍ବରୁ ରାଉରକେଲା ନିବାସୀ ରାଜ କୁମାର ଯାଦବଙ୍କ ତରଫରୁ ମଧ୍ୟ ଅନୁରୂପ ଏକ ନିର୍ବାଚନୀ ମାମଲା ଦାୟର କରାଯାଇଥିଲା। ସୂଚନାଯୋଗ୍ୟ, ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ୬୪୬୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ।



ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁଙ୍କ ସ୍ୟାଣ୍ଡ ଆନିମେସନ୍

# ଖୋଲିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଦୈନିକ ୨ ଘଣ୍ଟା ଅଭିଯୋଗ ଶୁଣାଣି**

ଭୁବନେଶ୍ୱର, ୨୧।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଠାରୁ ବିଧିବଦ୍ଧ ଭାବେ ଲୋକଙ୍କ ଅଭିଯୋଗ ଶୁଣିବା ଆରମ୍ଭ କରିଛନ୍ତି। ପ୍ରତିଦିନ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ବୁଝିବେ। କେବଳ ଭୁବନେଶ୍ୱରରେ ଅନୁପସ୍ଥିତ ଥିବା ଦିନ ଅଭିଯୋଗ ଗ୍ରହଣ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ରାଜ୍ୟ ଅତିଥି ଭବନରେ ଶ୍ରୀ ମାଝୀ ଜନତାଙ୍କୁ ଭେଟିବେ। ଆଜି ପ୍ରଥମ ଦିନରେ ବହୁ ସଂଖ୍ୟକ ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

**ବସ୍ ଚଳାଚଳ ସମୟକୁ ନେଇ ଗୋଷ୍ଠୀ ସଂଘର୍ଷ**

# ବାରିପଦା ବସ୍‌ଷ୍ଟାଣ୍ଡରେ ହଣାକଟା, ୬ ଗୁରୁତର

**ଘଟଣାକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ବସ୍ ବନ୍ଦ ଡାକରା**

**ବସ୍‌ଷ୍ଟାଣ୍ଡରେ ପୁଲିସ ଫୋର୍ସ ମୁତୟନ, ୪ ଅଟକ**

ବାରିପଦା, ୨୧।୬ (ସମିସ): ବସ୍ ଚଳାଚଳ ସମୟକୁ ନେଇ ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ଆଜି ଗୋଷ୍ଠୀ ସଂଘର୍ଷ ଘଟିଛି। ଗୋଟିଏ ଗୋଷ୍ଠୀ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଅନ୍ୟ ଗୋଷ୍ଠୀର ୬ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସେମାନଙ୍କୁ ସ୍ଥାନୀୟ ପିଆରଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପର୍ଯ୍ୟନ୍ତ ଜିଲ୍ଲାବ୍ୟାପୀ ଘରୋଇ ବସ୍ ଚଳାଚଳ ବନ୍ଦ ରହିବ ବୋଲି ବାରିପଦା ବସ୍ ମାଲିକ ସଂଘର ସାଧାରଣ ସଂପାଦକ ସୁନୀଲ କୁମାର ଦାଶ ଚେତାବନୀ ଦେଇଛନ୍ତି। ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଅଟକ ରଖିଛି। ଉତ୍ତେଜନା ଲାଗି ରହିଥିବାରୁ ବସ୍‌ଷ୍ଟାଣ୍ଡରେ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ସୂଚନାନୁଯାୟୀ, ରାଇରଙ୍ଗପୁରରୁ ବ୍ରହ୍ମପୁର ଯାଉଥିବା ମା' ଦୁର୍ଗା ନାମକ ଘରୋଇ ବସ୍‌ର ଚଳାଚଳ ସମୟକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଉକ୍ତ ବସ୍‌ଟି ରାଇରଙ୍ଗପୁରରୁ ଆସୁଥିବା ବେଳେ ସଠିକ ସମୟ ଅନୁସାରେ ବାରିପଦା ବସଷ୍ଟାଣ୍ଡରୁ ଚଳାଚଳ କରୁନଥିଲା। ଶୁକ୍ରବାର ସନ୍ଧ୍ୟାରେ ବସ୍‌ଟି ଆସି ବାରିପଦା ଘରୋଇ ବସ୍‌ଷ୍ଟାଣ୍ଡରେ ପହଞ୍ଚିବା ପରେ ବସ୍ ମାଲିକ ସଂଘ ଓ ବସ୍ ମାଲିକଙ୍କ ମଧ୍ୟରେ ଏହାକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। କିଛି ଅସାମାଜିକ ଯୁବକ ଖଣ୍ଡା ଓ ଭୁଜାଲି ଆଦି ମାରଣାସ୍ତ୍ର ଧରି ବସ୍ ମାଲିକମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୬ରୁ ଉର୍ଦ୍ଧ୍ୱ ବସ୍ ମାଲିକ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ପିଆରଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍ ମାଲିକ ତପନ କୁମାର ପୃଷ୍ଟି, ଶୀତିକଣ୍ଠ ନାୟକଙ୍କ ଅବସ୍ଥା ଗୁରୁତର ରହିଛି। ଦୁହିଁଙ୍କୁ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**■ ଓଟିଇଟି ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି**

# ୨୪ରୁ ଆବେଦନ, ଅଗଷ୍ଟ ୯ରେ ପରୀକ୍ଷା

ଭୁବନେଶ୍ୱର, ୨୧।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୪ ତାରିଖରୁ ଆବେଦନ ଆରମ୍ଭ ହେଉଥିବା ବେଳେ ଅଗଷ୍ଟ ୯ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ବିଜ୍ଞପ୍ତିଅନୁଯାୟୀ, ଓଟିଇଟି ପରୀକ୍ଷା ପାଇଁ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଜୁନ୍ ୨୪ ତାରିଖରୁ ଆରମ୍ଭ ହେବ। ଆଶାୟୀ ପ୍ରାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରେ ଜୁଲାଇ ୫ ତାରିଖ ମଧ୍ୟରାତ୍ରି ଯାଏଁ ଆବେଦନ କରିପାରିବେ। ଆବଶ୍ୟକ ଫି' ଜୁଲାଇ ୬ ତାରିଖ ରାତି ୧୧.୪୫ ସୁଦ୍ଧା ଦାଖଲ କରିବାକୁ ହେବ। ଅଗଷ୍ଟ ୨ରେ ପରୀକ୍ଷାର୍ଥୀମାନଙ୍କୁ ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ପ୍ରଦାନ କରାଯିବ। ଅଗଷ୍ଟ ୯ ତାରିଖ ସକାଳ ୯ଟାରୁ ସାଢ଼େ ୧୧ ଟା ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଏବଂ ଅପରାହ୍ଣ ୨ଟାରୁ ସାଢ଼େ ୪ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। କୌଣସି ପରିସ୍ଥିତିରେ ମଧ୍ୟ ଆବେଦନର ଅନ୍ତିମ ତାରିଖ ଘୁଞ୍ଚାଯିବ ନାହିଁ ବୋଲି ବୋର୍ଡ ସ୍ପଷ୍ଟ କରିଛି। ଆବେଦନକାରୀମାନେ ଅନ୍‌ଲାଇନ୍ ଫର୍ମ ପୂରଣ ବେଳେ ସଚେତନ ହୋଇ ଫର୍ମ ପୂରଣ କରିବେ। ଅନ୍ୟଥା ପରବର୍ତ୍ତୀ ସମୟରେ ଆଉ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

**ପ୍ରକାଶ ପାଉନି ବହୁମୁଖୀ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି ପାଇଁ ଚୂଡ଼ାନ୍ତ ତାଲିକା**

# ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଆଶାୟୀ

ଭୁବନେଶ୍ୱର, ୨୧।୬(ସମିସ): ବହୁମୁଖୀ ସ୍ୱାସ୍ଥ୍ୟ କର୍ମଚାରୀ (ମହିଳା) ନିଯୁକ୍ତି ପାଇଁ ପ୍ରକାଶ ପାଉନି ଚୂଡ଼ାନ୍ତ ତାଲିକା। ପ୍ରମାଣପତ୍ର ଯାଞ୍ଚ ପରେ ଚାରି ମାସ ଅତିକ୍ରମ ହୋଇ ସାରିଲାଣି। ହେଲେ ଚୂଡାନ୍ତ ତାଲିକା ପ୍ରକାଶ ପାଉନଥିବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆଶାୟୀ। ଶୁକ୍ରବାର ଶତାଧିକ ଆଶାୟୀ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କୌଣସି ସୁଫଳ ନ ମିଳିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ୨୭୫୩ଟି ପଦ ପୂରଣ ପାଇଁ ଗତବର୍ଷ ଏପ୍ରିଲ୍ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରୀକ୍ଷା ଫଳ ପ୍ରକାଶ ସହ ଫେବ୍ରୁଆରୀ ୧୫ରୁ ୧୮ ତାରିଖ ମଧ୍ୟରେ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା ସରିଛି। କିନ୍ତୁ ଇତିମଧ୍ୟରେ ୪ ମାସରୁ ଅଧିକ ସମୟ ଅତିକ୍ରମ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଉ ନାହିଁ।

